## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ରିଆମାଳ,(ଡି.ଏନ୍.ଏ): ରିଆମାଳ ବ୍ଲକ କଟାଶର ଘାଟି ନିକଟସ୍ଥ ପୋଇପାଣିଠାରେ ସୋମବାର ରାତିରେ କାର୍ ଧକାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରିଆମାଳ ଥାନା ଚୁହିଲାମାଳ ଗ୍ରାମର ରାଜକିଶୋର ମହାକୁଳ(୨୫)। ସେ ଘରୁ ରାତିରେ ବାଇକ ଯୋଗେ ନିଜ କର୍ମକ୍ଷେତ୍ର ଅନୁଗୋଳକୁ ଯାଉଥିଲେ। ଏହି ସମୟରେ କଟାଶର ଘାଟି ପୋଇପାଣି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡି ସହିତ ତାଙ୍କର ଧକ୍କା ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦେବଗଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

**ସଂକ୍ଷେପରେ**

## ଆଜିଠାରୁ ଦାଣ୍ଡଜମରା ପଞ୍ଚାୟତ ଲକ୍‌ଡାଉନ

ବଡଗାଁ, ୨୦।୪ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ୯ଟି ପଞ୍ଚାୟତରେ ଲକ୍‌ଡାଉନ କରାଯାଇଥିଲା ବେଳେ ୨୧ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଦାଣ୍ଡଜମରା ପଞ୍ଚାୟତକୁ ଲକ୍‌ଡାଉନ ଘୋଷଣା କରାଯାଇଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର, ସାପ୍ତାହିକ ହାଟ ବନ୍ଦ ରହିବ । ଦ୍ରୁତ ଗତିରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ଏ ଯାଏ ୧୦ଟି ପଞ୍ଚାୟତରେ ଲକ୍‌ଡାଉନ, ସଟଡାଉନ କରାଯାଇ ସଂକ୍ରମଣ ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଚେଷ୍ଟା କରାଯାଉଛି। ଅନ୍ୟପକ୍ଷରେ କରୋନା ସଂକ୍ରମଣ ବଢ଼ିବା ପରେ ଛୋଟ ଦୋକାନୀ, ଦିନ ମଜୁରିଆ, ପରିବା ବିକାଳି, ପନିପରିବା ଚାଷୀମାନେ ଘୋର ସମସ୍ୟାରେ ପଡିଛନ୍ତି। ଚାଷୀମାନଙ୍କ ପନିପରିବା ବିକ୍ରି ହୋଇ ପାରୁନାହିଁ।

## ଲିଭିନସ୍ କିଣ୍ଡୋଙ୍କ ବିୟୋଗରେ ହେମାନନ୍ଦ ବିଶ୍ୱାଳଙ୍କ ଶୋକ

ସୁନ୍ଦରଗଡ,୨୦ ।୪(ଡି.ଏନ୍.ଏ.): ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଲିଭିନସ୍ କିଣ୍ଡୋଙ୍କ ବିୟୋଗରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସୁନ୍ଦରଗଡର ପୂର୍ବତନ ଏମ୍‌ପି ହେମାନନ୍ଦ ବିଶ୍ୱାଳ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ବିଶ୍ୱାଳ କହିଛନ୍ତି ଯେ, ସ୍ୱର୍ଗତ କିଣ୍ଡୋଙ୍କ ବିୟୋଗ ତାଙ୍କୁ ଗଭୀର ଭାବେ ମର୍ମାହତ କରିଛି । ସେ ଅତୀତରେ ସ୍ୱତନ୍ତ୍ର ସଚିବ, ପରିବହନ କମିଶନର,ରାଜସ୍ୱ ଆୟୁକ୍ତ ଓ ରାଜସ୍ୱ ପରିଷଦର ସଭ୍ୟ ଭାବରେ ଦକ୍ଷତାର ସହ କାର୍ଯ୍ୟ ସଂପାଦନ କରିଥିଲେ। ଦୀର୍ଘ ସମୟ ଧରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ଇସ୍ପାତ ନିଗମର ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ ଭାବେ ରହିଥିଲେ । ଅବସର ପରେ ନିଜ ଭିଟାମାଟି ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଅବସ୍ଥାନ କରି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ଏତଦ୍‌ବ୍ୟତୀତ ସେ ଅନେକ ଗରିବ ,ଆଦିବାସୀ ପରିବାରଙ୍କ ଅର୍ଥନୈତିକ ବିକାଶରେ ସହାୟତା କରିଥିଲେ। ଜାତୀୟ ସମସ୍ୟାକୁ ଭିତ୍ତି କରି ସେ ବହୁ ଉପାଦେୟ ପୁସ୍ତକ ମଧ ରଚନା କରିଥିଲେ । ସେ ତାଙ୍କ ଶୋକବାର୍ତ୍ତାରେ ସ୍ୱର୍ଗତ କିଣ୍ଡୋଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

## ବଡଗାଁ ସମବାୟ ବ୍ୟାଙ୍କ ସ୍ଥାନାନ୍ତର

ବଡଗାଁ,୨୦।୪ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁ ସମବାୟ ସମିତି (ଲ୍ୟାମ୍ପ୍ସ) ପାର୍ଶ୍ୱରେ ଥିବା ସମବାୟ ବ୍ୟାଙ୍କକୁ ମହାବୀର ଛକ ନିକଟ ଅଫିସ ଗୃହକୁ ସ୍ଥାନାନ୍ତର କରାଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଏହାକୁ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସମବାୟ ବ୍ୟାଙ୍କ ସମ୍ପାଦକ ସୁରେଶ ଦାସ ମୁଖ୍ୟଅତିଥି ଓ ବଡଗାଁ ସମବାୟ ବ୍ୟାଙ୍କ ମ୍ୟାନେଜର ବିମଳ ବୋଷ, ଲ୍ୟାମ୍ପ୍ସ ଏମଡି ଭୋଳାନାଥ ପଟେଲ, ବିରଙ୍ଗାଟୋଲି ଲ୍ୟାମ୍ପ୍ସ ଏମଡି ଶୋଭାକର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଏହି ବ୍ୟାଙ୍କ ଲ୍ୟାମ୍ପ୍ସ ନିକଟରେ ପ୍ରଶସ୍ତ ସ୍ଥାନରେ ଥିଲା। ଏଠାରେ ଚାଷୀମାନେ ସୁବିଧାରେ କାମ କରି ପାରୁଥିଲେ। କିନ୍ତୁ ରାସ୍ତା ପାର୍ଶ୍ୱ ସଂକୀର୍ଣ୍ଣ ସ୍ଥାନକୁ ବ୍ୟାଙ୍କ ସ୍ଥାନାନ୍ତର କରାଯାଇଥିବାରୁ ଚାଷୀମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

## ମାସ୍କ ଓ ଗାଡି ଚେକିଂ, ୫୦ ହଜାର ଜରିମାନା ଆଦାୟ

କୁଆଁରମୁଣ୍ଡା,୨୦।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ପକ୍ଷରୁ ୧୪୩ ନମ୍ବର ଜାତୀୟ ରାଜପଥ, ବିଭିନ୍ନ ଛକ, ବଜାର ନିକଟରେ ମାସ୍କ ,ଗାଡି କାଗଜପତ୍ର ଓ ହେଲମେଟ୍ ଇତ୍ୟାଦି ଚେକିଂ ଚାଲୁ ରହିଛି । ଏହି କ୍ରମରେ ମଙ୍ଗଳବାର ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି, କୁଆଁରମୁଣ୍ଡା ମେନ୍ ମାର୍କେଟ, ଚେକ୍‌ଗେଟ୍ ଛକ, ତହସିଲ ଛକ, ବଜରଙ୍ଗ ଛକ, ଗୋବିରା ଛକ ସମେତ ସାପ୍ତାହିକ ମଙ୍ଗଳ ବଜାରରେ ପୋଲିସ ମାସ୍କ ଚେକିଂ କଡାକଡ଼ି କରିଥିଲା । ଏହି ସମୟରେ ଶତାଧିକ ଅମାନିଆଙ୍କ ଠାରୁ ଗୋଟିଏ ଦିନରେ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି । ନାଇଟ୍ କର୍ଫ୍ୟୁକୁ କୁଆଁରମୁଣ୍ଡା ଅଞ୍ଚଳରେ କଡାକଡି କରାଯାଇଛି । ଫାଣ୍ଡି ଅଧିକାରୀ ଓରାମଙ୍କ ସମେତ ଏଏସଆଇ ବି.ଡି ସାହୁ, ମୁରଲୀଧର ମାଝି ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ସନ୍ଧ୍ୟା ସମୟରେ କୁଆଁରମୁଣ୍ଡାର ବିଭିନ୍ନ ଅଞ୍ଚଳ ବୁଲି କର୍ଫ୍ୟୁ ନିୟମକୁ ମାନିବାକୁ ଜନସାଧାରଣଙ୍କୁ ସଚେତନ କରାଉଥିବା ଦେଖିବାକୁ ମିଳିଛି ।

# ସୁନ୍ଦରଗଡ଼ରେ କରୋନା ସଂକ୍ରମଣ ଉପରମୁହାଁ

ସୁନ୍ଦରଗଡ,୨୦।୪(ଡି.ଏନ.ଏ.)



ସୁନ୍ଦରଗଡ ଜିଲାରେ କରୋନା ସଂକ୍ରମଣ ପ୍ରତିଦିନ ଉପରମୁହାଁ ହେବାରେ ଲାଗିଛି। ଗତ ୨୪ଘଣ୍ଟା ମଧ୍ୟରେ ଜିଲାରେ ପୁଣି ୬୭୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। କରୋନାର ଦ୍ୱିତୀୟ ଲହରରେ ପୂର୍ବଥର ଅପେକ୍ଷା କରୋନା ସଂକ୍ରମଣ ଜିଲାରେ ହୁ ହୁ ହୋଇ ବଢି ଚାଲିଥିବାରୁ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ଛତିଶଗଡ – ଝାଡଖଣ୍ଡ ସୀମାରେ ଥିବା ଏହି ଜିଲାରେ କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରିବା ସହ ପ୍ରତିଦିନ ରାତ୍ରୀକାଳୀନ କର୍ଫ୍ୟୁ ଲାଗୁ ହୋଇଛି। ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ କଡାକଡି କରାଯାଇଛି । ଆଗକୁ ପରିସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା କରି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଜିଲାରୁ ଅନେକ ଯୁବତୀଯୁବକ ଓ ଶ୍ରମିକ କାମଧନ୍ଦା ପାଇଁ ଗୋଆ , ମୁମ୍ବାଇ ,ଦିଲ୍ଲୀ ,ହରିୟାଣା ଆଦି ବାହାର ରାଜ୍ୟକୁ ଯାଇଥାନ୍ତି । ବର୍ତ୍ତମାନ ପରିସ୍ଥିତିରେ ଏସବୁ ରାଜ୍ୟଗୁଡିକରେ ଲକଡାଉନ୍ ହେବା ପରେ ପ୍ରବାସୀ ଶ୍ରମିକମାନେ ଘରମୁହାଁ ହେବାରେ ଲାଗିଛନ୍ତି। ଶ୍ରମିକମାନେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇ ପରେ ଘରକୁ ଛଡାଯିବାର ବନ୍ଦୋବସ୍ତ କରାଯାଇଛି । ତେବେ ସେମାନଙ୍କ ଆଗମନ ପରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଆହୁରି ବଢିବାର ଆଶଙ୍କା ଥିବାରୁ ପ୍ରଶାସନ ବିହିତ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ।

**୨୪ ଘଣ୍ଟା ମଧ୍ୟରେ ପୁଣି ୬୭୩ ପଜିଟିଭ ଚିହ୍ନଟ**

# ଆହାର ଥାଳିରେ ମଲା ଝିଟିପିଟି ବାହାରିବା ଚର୍ଚ୍ଚା

ଦେବଗଡ଼,୨୦।୪(ଡି.ଏନ.ଏ)

ଦେବଗଡ ପୌର ପରିଷଦ ଅଧୀନ ସ୍ଥାନୀୟ କଚେରୀ ନିକଟସ୍ଥ ଆହାର କେନ୍ଦ୍ରରେ ମଙ୍ଗଳବାର ଲୋକେ ଖାଦ୍ୟ ଖାଇବା ବେଳେ ଆହାର ଥାଳିରୁ ମଲା ଝିଟିପିଟି ବାହାରିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହି କଥାକୁ ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ଅତସୀ ପରିଡା ଖଣ୍ଡନ କରିବା ସହ ଏଭଳି କୌଣସି ଘଟଣା ଘଟିଥିବା ତାଙ୍କ ନଜରକୁ ଆସିନାହିଁ ବୋଲି ପ୍ରକାଶ କରିଛନ୍ତି ।

ସୂଚନା ଅନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନରେ କଚେରୀ ରୋଡ ସ୍ଥିତ ଆହାର କେନ୍ଦ୍ରରେ କିଛି ଶ୍ରମିକ ମଧ୍ୟାହ୍ନ ଭୋଜନ କରୁଥିଲେ। ଏହି ସମୟରେ ଜଣେ ମହିଳାଙ୍କ ଆହାର ଥାଳିରୁ ମଲା ଝିଟିପିଟି ବାହାରିବା ଓ ଏହାଦେଖି ସମ୍ପୃକ୍ତ ମହିଳା ଜଣକ ବାନ୍ତି କରିଥିବା ଚର୍ଚ୍ଚା ହୋଇଥିଲା। ସେହିପରି ସେଠାରେ ଖାଉଥିବା ଅନ୍ୟ କେତେକ ଶ୍ରମିକ ମଧ ବାନ୍ତି କରିଥିବା ଖବର ପ୍ରଘଟ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ କେତେକ ଗଣମାଧ୍ୟମର ପ୍ରତିନିଧି ସେଠାରେ ପହଞ୍ଚିଥିଲେ ଏବଂ ଘଟଣା ସମ୍ପର୍କରେ ପଚାରିବାରୁ ଆହାର କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀ ମାନେ କୌଣସି ସ୍ପଷ୍ଟ ଉତ୍ତର ଦେଇ ନ ଥିଲେ ।

**ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଅସ୍ୱୀକାର**

# ଆଧାର କେନ୍ଦ୍ର ଖୋଲିବାକୁ ଦାବି



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଲହୁଣୀପଡା,୨୦।୪ (ଡି.ଏନ.ଏ)

ଆଧାର କାର୍ଡ ନ ଥିଲେ କିମ୍ବା ଭୁଲ ଥିଲେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ମିଳିବାରୁ ବଞ୍ଚିତ ହେବାକୁ ପଡୁଛି । ତେବେ ସୁନ୍ଦରଗଡ ଜିଲାର ଲହୁଣୀପଡା ବ୍ଲକ ଅଧୀନ କେତେକ ପଞ୍ଚାୟତ ବ୍ଲକ ଅଫିସ ଠାରୁ ବହୁ ଦୂରରେ ରହିଥିବାରୁ ଆଧାର କାର୍ଡ କରିବା ଓ ସଂଶୋଧନ ନେଇ ବିଭିନ୍ନ ସମସ୍ୟା ହେଉଛି।

ପ୍ରକାଶ ଯେ,୧୭ଟି ପଞ୍ଚାୟତକୁ ନେଇ ଲହୁଣୀପଡା ବ୍ଲକ ଗଠିତ । ତେବେ ମହୁଲପଦା ପଞ୍ଚାୟତଠାରୁ ଲହୁଣୀପଡାର ଦୂରତା ପ୍ରାୟ ୫୫ କିଲୋମିଟର ।ସେହିପରି ଭୁତୁଡା ପଞ୍ଚାୟତଠାରୁ ଲହୁଣୀପଡା ବ୍ଲକକୁ ଯିବା ପାଇଁ ୪୦ରୁ ୪୫ କିଲୋମିଟର । ଏହାଛଡା ଘାଟି ରାସ୍ତା ଯୋଗୁ ଅନେକ ସମୟରେ ରାସ୍ତା ଜାମ ହୋଇଥାଏ। ଏଣୁ ଲହୁଣୀପଡାକୁ ଆସି ଆଧାର କାର୍ଡ କରିବା ତଥା ସଂଶୋଧନ କରିବା ଲୋକଙ୍କ ପକ୍ଷେ କଷ୍ଟକର ଓ ବ୍ୟୟବହୁଳ। ଏହାକୁ ଦୃଷ୍ଟିରେ ରଖି ଖୁଣ୍ଟୁଗାଁ ଠାରେ ଏକ ଅସ୍ଥାୟୀ ଆଧାର କାର୍ଡ ସଂଶୋଧନ କେନ୍ଦ୍ର ଖୋଲିବା ପାଇଁ ଖୁଣ୍ଟୁଗାଁ ସୋସିଆଲ ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ସୋମବାର ଏକ ଦାବିପତ୍ର ଲହୁଣୀପଡା ବିଡିଓ ଧାନାଇ ଚରଣ ଟୁଡୁଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ ବିଡିଓ ଟୁଡୁ ମାସରେ ଗୋଟାଏ ଶନିବାର ଖୁଣ୍ଟୁଗାଁଠାରେ ଏକ ଅସ୍ଥାୟୀ ଆଧାର କେନ୍ଦ୍ର ଖୋଲାଯାଇ ଲୋକଙ୍କ ସମସ୍ୟାକୁ ଯଥାସମ୍ଭବ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜାଣିବାକୁ ମିଳିଛି ।

## ଶ୍ୱଶୁର ଘରେ କଳାକନା ବୁଲାଇ ନବବଧୂ ଫେରାର

ଦେବଗଡ଼,୨୦।୪(ଡି.ଏନ.ଏ)

ନବବିବାହିତା ମହିଳା ଶ୍ୱଶୁର ଘରେ ଜଣେ କଳାକନା ବୁଲାଇ ଅନ୍ୟତ୍ର ଫେରାର ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ସାଜିଛି । ଏଭଳି ଏକ ଘଟଣା ଘଟିଛି ଦେବଗଡ ଆଦର୍ଶ ଥାନା ଅନ୍ତର୍ଗତ କଣ୍ଟିମାଳ ଗ୍ରାମରେ ।

ପୋଲିସ ସୂଚନା ଅନୁଯାୟୀ, କଣ୍ଟିମାଳ ଗ୍ରାମର ପୁଲିନ ବିହାରୀ ସାହୁ (୩୫) ଗତ ମାର୍ଚ୍ଚ ୮ ତାରିଖରେ ଅନୁଗୋଳ ଜିଲା ଖମାର ଥାନା ଅନ୍ତର୍ଗତ ବେଣିପଥର ଗ୍ରାମରେ ବିବାହ କରିଥିଲେ। ଅନ୍ୟ ଦିନ ଭଳି ସୋମବାର ପରିବାର ସଦସ୍ୟମାନେ ଖାଇସାରିବା ପରେ ଶୋଇ ପଡିଥିଲେ । ଏହାର ସୁଯୋଗ ନେଇ ନବବିବାହିତା ଜଣକ ଘରେ ଥିବା ସ୍ୱାମୀଙ୍କ ବ୍ୟାଙ୍କ ପାସ୍‌ବୁକ, ୨ଟି ସୁନା ହାର, ସୁନା ମୁଦି, ନଗଦ ୨୦ହଜାର ଟଙ୍କା ଏବଂ ମୋବାଇଲ ଫୋନ ନେଇ ଫେରାର ହୋଇ ଯାଇଥିଲେ। ଘରେ ନବବଧୂକୁ ନ ପାଇ ପରିବାର ଲୋକେ ଏଣେତେଣେ ଖୋଜା ଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଅନ୍ୟପକ୍ଷେ ସୁନା ଗହଣା, ନଗଦ ଟଙ୍କା ଓ ବ୍ୟାଙ୍କ ପାସ୍‌ବୁକ ଆଦି ଗାଏବ ହୋଇଯାଇଥିବା ଜାଣିବା ପରେ ପୁଲିନ ମଙ୍ଗଳବାର ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ରାଜସ୍ୱ ବିଭାଗ ଏନଫୋର୍ସମେଣ୍ଟ ଟିମ୍ ଦ୍ୱାରା ଯାଞ୍ଚ

ରାଜଗାଙ୍ଗପୁର,୨୦।୪ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅଞ୍ଚଳରେ କୋଭିଡ ସଂକ୍ରମଣ ବୃଦ୍ଧି ପାଉଥିବା ଯୋଗୁ ପ୍ରଶାସନ ପକ୍ଷରୁ ଏ ନେଇ ଲୋକଙ୍କୁ ସଚେତନ କରାଯାଉଛି। ଅଧିକାଂଶ ବ୍ୟକ୍ତି କୋଭିଡ ନିୟମ ମାନୁ ନ ଥିବା ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ରାଜସ୍ୱ ବିଭାଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକ ଓ ଏନଫୋର୍ସମେଣ୍ଟ ଟିମ୍ ରାଜଗାଙ୍ଗପୁର ସହର, ମାଣ୍ଡିଆକୁଦର, ଲାଇଙ୍ଗ, ବିଲେଇଗଡ ବଜାର, ଢ଼େଲୁଆ, କେସରାମାଲ ଛକରେ କଡାକଡି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ ବ୍ୟକ୍ତିବିଶେଷ ଓ ଦୋକାନୀଙ୍କ ଠାରୁ ୧ ଲକ୍ଷ ୩୧ ହଜାର ୭୦୦ ଟଙ୍କା ଜରିମାନା ଆଦାୟ କରିଥିବା ଜଣାଯାଇଛି। ଜନସାଧାରଣ କୋଭିଡ ନିୟମ ମାନି ଚଳିବାକୁ ପରାମର୍ଶ ଦିଆଯାଇଛି ।

**୧ ଲକ୍ଷରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ**

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜୁଏଲ

ସୁନ୍ଦରଗଡ,୨୦।୪ (ଡି.ଏନ୍.ଏ.)

ବର୍ତ୍ତମାନ କରୋନା ମହାମାରୀ ଅତି ଭୟଙ୍କର ହେବାରେ ଲାଗିଛି। ସୁନ୍ଦରଗଡ ଜିଲାରେ ମଧ କରୋନା ସଂକ୍ରମଣ ସଂଖ୍ୟା ପ୍ରତିଦିନ ବଢି ଚାଲିଛି। ସୁନ୍ଦରଗଡ ଏନଟିପିସି କୋଭିଡ୍ ହସ୍ପିଟାଲରେ ବର୍ତ୍ତମାନ ୧୨୦ ଶଯ୍ୟାର ବ୍ୟବସ୍ଥା ହୋଇଛି। ମାତ୍ର ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଏହି ହସ୍ପିଟାଲରେ ଶଯ୍ୟା ସଂଖ୍ୟା ୪୦୦କୁ ବୃଦ୍ଧି କରିବା ପାଇଁ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଦାବି କରିଛନ୍ତି। ଏ ନେଇ ଜୁଏଲ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ନବକିଶୋର ଦାସଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ସେହିପରି କୋଭିଡ ପରୀକ୍ଷା ପାଇଁ ଉନ୍ନତମାନର ଯନ୍ତ୍ରପାତି ଯୋଗାଇ ଦେବାକୁ ଦାବି କରିଛନ୍ତି। ଏହାଦ୍ୱାରା ଚିକିତ୍ସା କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ରୋଗୀମାନେ ଉପକୃତ ହୋଇପାରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

**ଏନଟିପିସି କୋଭିଡ୍ ହସ୍ପିଟାଲରେ ଶଯ୍ୟା ସଂଖ୍ୟା ୪୦୦କୁ ବୃଦ୍ଧି ଦାବି**

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଜିଲା ଓକିଲସଂଘ ପକ୍ଷରୁ ଶୋକ



ଶୋକସଭାରେ ଯୋଗ ଦେଇଥିବା ଆଇନଜୀବୀମାନେ ।

ସୁନ୍ଦରଗଡ,୨୦।୪(ଡି.ଏନ୍.ଏ.)

ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ନାଏକଙ୍କ ବିୟୋଗରେ ଜିଲା ଓକିଲ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଜିଲା ଓକିଲ ସଂଘ ସଭାପତି ସୁକାନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ନାଏକଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଅଶୋକ କୁମାର ଦାଶ, କମଳସେନ୍, ଗିରୀଶ ଚନ୍ଦ୍ର ସାହୁ, ଧର୍ମେଶ ପଟେଲ, ପ୍ରଦୀପ ମହାନ୍ତି, ଉମାଶଙ୍କର ପଟେଲ, ସଂପାଦକ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାଏକଙ୍କ ସ୍ମୃତିଚାରଣ କରିଥିଲେ ।

# ବିଜେଡି ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୦।୪(ବ୍ୟୁରୋ):ସମ୍ବଲପୁର ମହାନଗର ନିଗମ ବିଜେଡି ପକ୍ଷରୁ ମଙ୍ଗଳବାର କରୋନା ସଚେତନତା କାର୍ଯ୍ୟକ୍ରମ ଜେଲ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଦୂରତ୍ୱ, ସାନିଟାଇଜର ବ୍ୟବହାର, ସାବୁନରେ ହାତ ଧୋଇବା ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ପରେ ଉପସ୍ଥିତ ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ସମ୍ବଲପୁର ମହାନଗର ନିଗମ ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ପ୍ରମୋଦ ରଥ, ଆର୍ତ୍ତତ୍ରାଣ ମିଶ୍ର, ବଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଶ୍ରମିକ ନେତା ଗୋକୁଳ ମେହେର, ରାଜ୍ୟ ପରିଷଦ ସଦସ୍ୟ ରବି ମେହେର, ଜିଲା ଓକିଲ ସଂଘ ସମ୍ପାଦକ ରବିରଞ୍ଜନ ପୂଜାରୀ, ବିଜୁ ସ୍ମୃତି କମିଟି ଆବାହକ ପ୍ରଶାନ୍ତ ଥପ୍ପା ପ୍ରମୁଖ ସାମିଲ ଥିଲେ।



ଜେଲ ଛକଠାରେ ଅନୁଷ୍ଠିତ କରୋନା ସଚେତନତା କାର୍ଯ୍ୟକ୍ରମ ।

## କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ପରଲୋକ

ସମ୍ବଲପୁର, ୨୦।୪ (ବ୍ୟୁରୋ)

କ୍ରୀଡା ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ରଙ୍କ ଅକାଳ ବିୟୋଗରେ କ୍ରୀଡା ମହଲରେ ଶୋକର ଛାୟା ଖେଳିଯାଇଛି । ମଙ୍ଗଳବାର ସମ୍ବଲପୁର ଜିଲା କ୍ରୀଡା ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ସମେତ କର୍ମକର୍ତ୍ତା ଓ ସଭ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

## କୋଭିଡ୍ ପରିଚାଳନା ନେଇ ଜିଲାପାଳଙ୍କୁ ଦାବିପତ୍ର

ସମ୍ବଲପୁର, ୨୦।୪ (ବ୍ୟୁରୋ)

ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ନେଇ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ କୋଭିଡ୍ ଟେଷ୍ଟ ସଂଖ୍ୟା ବୃଦ୍ଧି, ଟିଏମ୍‌ସି କେନ୍ଦ୍ର ଖୋଲାଯାଇ ସେଠାରେ ବେଡ୍ ସଂଖ୍ୟା ବୃଦ୍ଧି, ଆଇସିୟୁ ପାଇଁ ଆବଶ୍ୟକ ଅକ୍ସିଜେନ୍ ମହଜୁଦ ରଖିବା, ବନ୍ଦ ପଡିଥିବା ଟିକାକରଣ କେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ, କୋଭିଡ୍ ପରିଚାଳନା ପାଇଁ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଆଦି ଅନ୍ୟତମ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପା ଜିଲା ସଭାପତି ଗିରିଶ ପଟେଲ, ଡ. ରାଜ କୁମାର ବଡପଣ୍ଡା, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେର, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀରରଞ୍ଜନ ବାବୁ, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ନୀଳାମ୍ବର ସିକନ୍ଦର, ମଣ୍ଡଳ ସଭାପତି ସରୋଜ ଘଡେଇ, ଜିଲା ମୁଖପାତ୍ର ଅରବିନ୍ଦ ନାୟକ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମକର୍ତ୍ତା ।

# ରାସ୍ତାପାର୍ଶ୍ୱରେ ପରିବା ବେପାର

ଝାରସୁଗୁଡ଼ା ଅଫିସ,୨୦।୪

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତରଫରୁ ଜିଲାର ସମସ୍ତ ସାପ୍ତାହିକ ହାଟକୁ ବନ୍ଦ କରି ଅନ୍ୟତ୍ର ବସାଇବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶବଳରେ ଝାରସୁଗୁଡ଼ା ପୌର ପରିଷଦ ତରଫରୁ ଶୁକ୍ରବାର ସାପ୍ତାହିକ ହାଟ ବନ୍ଦକରି ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ବସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ ପରିବା ବ୍ୟବସାୟୀମାନେ କାଳୀମନ୍ଦିର ରାସ୍ତା, ଛଣ୍ଡାଛକ, ବସ୍‌ଷ୍ଟାଣ୍ଡ ଛକରେ ବସି ଦୈନନ୍ଦିନ ବେପାର ଚଳାଇଛନ୍ତି। ଏହା ସବୁ ଜନବସତି ଅଞ୍ଚଳ ହୋଇଥିବାବେଳେ ଏଠାରେ ପ୍ରତିଦିନ ଗ୍ରାହକଙ୍କ ଭିଡ ଜମୁଛି। ଗ୍ରାହକ ଓ ବ୍ୟବସାୟୀ କୋଭିଡ୍ ନିୟମ ପାଳନ ନ କରି ଭିଡ ଜମାଉଥିବା ଦେଖିବାକୁ ମିଳୁଛି। ଫଳରେ ଏ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ହେବା ଆଶଙ୍କା ରହିଛି । ଏହାଛଡା ଏହିସବୁ ରାସ୍ତାରେ ଯାନବାହନ ଚଳାଚଳ କରିବାରେ ମଧ ସମସ୍ୟା ସୃଷ୍ଟି ହେଉଛି। ଏ ସମ୍ପର୍କରେ ଆଇନଜୀବୀ ତାପସ ରାୟ ଚୌଧୁରୀ କହନ୍ତି, କାଳୀମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ପରିବା ବ୍ୟବସାୟୀ ବସୁଥିବାରୁ ଭିଡ ପରିଲକ୍ଷିତ ହେଉଛି। ଏହାର ଆଖପାଖରେ କାଳୀମନ୍ଦିର ପଡା, ଘୋଷପଡା, ଶିବାନୀ କଲୋନୀ, ଆଦର୍ଶ କଲୋନୀ ଆଦି ଜନବସତି ରହିଛି। ଏ ଅଞ୍ଚଳରେ ପରିବା ବ୍ୟବସାୟୀ ନ ବସି ଇଞ୍ଜିନିୟରିଂ ସ୍କୁଲ୍ ସମ୍ମୁଖ ରାସ୍ତାପାର୍ଶ୍ୱକୁ ସ୍ଥାନାନ୍ତରିତ ପାଇଁ ସେ ଦାବି କରିଛନ୍ତି। ଏ ନେଇ ସେ ଅତିରିକ୍ତ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ଉପଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।



କାଳୀ ମନ୍ଦିର ରାସ୍ତା ପାର୍ଶ୍ୱରେ ପରିବା ବ୍ୟବସାୟୀଙ୍କ ଭିଡ଼ ।

**ଭିଡ଼ ଯୋଗୁ କରୋନା ସଂକ୍ରମଣ ଆଶଙ୍କା**

## ଦୁର୍ଘଟଣାରେ କାର୍ ଚାଳକ ମୃତ

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡ଼ା ଟାଉନ୍ ଥାନା ଅନ୍ତର୍ଗତ କୋଲାବିରା-ଝାରସୁଗୁଡା ରାସ୍ତାର ପୂର୍ଣ୍ଣା ନିକଟରେ ମଙ୍ଗଳବାର ଏକ କାର୍‌କୁ କୌଣସି ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି। ଏଥିରେ କାର୍ ସମ୍ମୁଖ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ନିଆଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଲେ ବ୍ରଜରାଜନଗର ଲମଟିବାହାଲର ଶଙ୍କର ଦେଓ (୨୩)। ପୋଲିସ ମୃତଦେହ ଜବତ କରି ବୁଧବାର ବ୍ୟବଚ୍ଛେଦ କରିବ ବୋଲି ଜଣାପଡିଛି। ଏ ନେଇ ଥାନା କେସ୍ ନଂ.୨୦୯/୨୧ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଦୁର୍ଘଟଣା ଗ୍ରସ୍ତ ଓଡି୨୩କି-୯୦୦୩ନଂ. କାର୍‌କୁ ପୋଲିସ ଜବତ କରିଛି।

## ସଂକ୍ଷେପରେ

### ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଗିରଫ ଦାବି

ସମ୍ବଲପୁର, ୨୦।୪ (ବ୍ୟୁରୋ)- ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଦୀନବନ୍ଧୁ ମିଶ୍ର ଆତ୍ମାହୁତି ଦେଇଛନ୍ତି। ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଦାୟୀ। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ଗିରଫ କରିବା ଉଚିତ ବୋଲି ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ଦାବି କରିଛନ୍ତି। ସେ କହିଛନ୍ତି, ଦୀନବନ୍ଧୁ ୨୭ ବର୍ଷ ଧରି ବିଶ୍ୱବିଦ୍ୟାଳୟରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ କର୍ତ୍ତୃପକ୍ଷ ତାଙ୍କୁ ନ୍ୟାୟ ଦେବାରେ ଅବହେଳା କରିଥିଲେ। ବିଭିନ୍ନ ସମୟରେ ସେ ଆନ୍ଦୋଳନାତ୍ମକ ପନ୍ଥା ମଧ୍ୟ ଗ୍ରହଣ କରିବା ପରେ ବିଫଳ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୀନବନ୍ଧୁଙ୍କ ସମସ୍ତ ବକେୟା ତୁରନ୍ତ ପ୍ରଦାନ କରିବା ସହ ତାଙ୍କ ପୁଅକୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ସିଦ୍ଧାର୍ଥ ଦାବି କରିଛନ୍ତି। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ, ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦୀନବନ୍ଧୁଙ୍କ ପ୍ରାପ୍ୟ ଦେବାପାଇଁ ନିର୍ଦ୍ଦେଶ ଲାଗି ଦାବି କରିଛନ୍ତି।

### ବିଦ୍ୟୁତ୍ ଗ୍ରାହକ ଇ-ମେଲ, ଭିସିରେ ଯୋଗାଯୋଗ କରିବାକୁ ଅନୁରୋଧ

**ସମ୍ବଲପୁର, ୨୦।୪ (ବ୍ୟୁରୋ):** ସମ୍ପ୍ରତି ପଶ୍ଚିମ ଓଡ଼ିଶାରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀ ଓ ଗ୍ରାହକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପଦକ୍ଷେପ ନେଇଛି। ତେଣୁ କମ୍ପାନୀ ଅଫିସକୁ ବାହ୍ୟ ପରିଦର୍ଶକଙ୍କ ଗତାଗତକୁ ନିୟନ୍ତ୍ରଣ କରାଯାଇଛି। କରୋନା ସମୟରେ ବିଦ୍ୟୁତ୍ ସେବା ସମ୍ବନ୍ଧୀୟ ସମସ୍ୟା, ଅଭିଯୋଗ ଓ ଅନୁସନ୍ଧାନ ଶୁଣାଣି କରିବା ଲାଗି ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍, ଇ-ମେଲ, ଭିଡିଓ କନଫରେନ୍ସିଂ ଓ ମୋବାଇଲ ନମ୍ବରରେ ଉପଭୋକ୍ତାଙ୍କ ଲାଗି ବ୍ୟବସ୍ଥା କରାଯାଇଛି। ତେଣୁ ଭେଣ୍ଡର, ସହଯୋଗୀ ସଂଗଠନ, କଣ୍ଟ୍ରାକ୍ଟର ଓ କମ୍ପାନୀରେ ସମ୍ପୃକ୍ତ ସମସ୍ତ ବାହ୍ୟପକ୍ଷ ନିଜର କାର୍ଯ୍ୟ ସକାଶେ ଅଫିସ ନ ଆସି କମ୍ପାନୀ ପ୍ରଦତ୍ତ ବ୍ୟବସ୍ଥା ଅନୁଶରଣ କରିବାକୁ ଅନୁରୋଧ କରାଯାଇଛି। ମଙ୍ଗଳବାର ଏ ନେଇ ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ ମୁଖ୍ୟ ମାନବସମ୍ବଳ ଅଧିକାରୀ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

### ଦୀନବନ୍ଧୁଙ୍କ ସହ ଅନ୍ୟାୟ ହୋଇଛି: ପ୍ରମୋଦ ରଥ

**ସମ୍ବଲପୁର,୨୦।୪(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କ ଏଭଳି ଘଟଣା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଜିଲା ଓକିଲ ସଂଘ ସଭାପତି ପ୍ରମୋଦ ରଥ କହିଛନ୍ତି। ସେ ଆହୁରି କହିଥିଲେ, ଏହା ସମ୍ବଲପୁରର ପ୍ରଥମ ନୁହେଁ, ପୂର୍ବରୁ ଧର୍ମରାଜ ଦଳପତ ଲଜପତ ରାୟ ଆଇନ କଲେଜ ପରିସରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ଏଭଳି ଅନେକ ଅସ୍ଥାୟୀ କର୍ମଚାରୀ ସ୍ଥାୟୀ ନିଯୁକ୍ତି ପାଇଁ ବର୍ଷ ବର୍ଷ ଧରି ସଂଘର୍ଷ କରିଆସୁଛନ୍ତି। ସରକାରୀ ଅନୁଷ୍ଠାନରେ କାମ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରାଯାଉ ନାହିଁ। ଏଥିପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି।

### କବାଡି ଖେଳାଳିଙ୍କ ପରଲୋକ

**ସମ୍ବଲପୁର,୨୦।୪ (ବ୍ୟୁରୋ):** ପୁରୁଖା କବାଡି ଖେଳାଳି ଶ୍ରୀପତି ତନସନାଙ୍କ ମଙ୍ଗଳବାର ସମ୍ବଲପୁର ବଡବଜାର କେଉଁଟପଡାଠାରେ ପରଲୋକ ହୋଇଯାଇଛି। ମହାସାଗର କ୍ଲବ ପକ୍ଷରୁ ସେ କବାଡି ଖେଳି ରାଜ୍ୟରେ ସୁନାମ ଅର୍ଜନ କରିଥିଲେ। ଏଥିସହ କ୍ଲବକୁ ମଧ ଗୌରବାନ୍ୱିତ କରିଥିଲେ। ପଶ୍ଚିମ ଓଡିଶାରେ ଆୟୋଜିତ ନୌକା ପ୍ରତିଯୋଗିତାରେ ମଧ ଭାଗ ନେଇ ପୁରସ୍କୃତ ହୋଇଥିଲେ। ଅଶୀ ଦଶକରେ ମହାନଦୀରେ ହୋଇଥିବା ବନ୍ୟାରେ ଅନେକ ଲୋକଙ୍କୁ ଉଦ୍ଧାର କରିବାରେ ସେ ସଫଳ ହୋଇଥିଲେ। ତାଙ୍କ ବିୟୋଗରେ ମହାସାଗର କ୍ଲବ ସଭ୍ୟ ଓ କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ପୁଣି ୨ମାସ ସମୟ ନେଲା ଜିଲା ପ୍ରଶାସନ


ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଆସିଥିବା ଗ୍ରାମବାସୀ।

ଝାରସୁଗୁଡ଼ା ଅଫିସ,୨୦।୪

ଝାରସୁଗୁଡ଼ା ଭୁର୍କାମୁଣ୍ଡାସ୍ଥିତ ବେଦାନ୍ତ କମ୍ପାନୀର ପାଉଁଶ ପୋଖରୀ ଦ୍ୱାରା ବିସ୍ଥାପିତ ହେବାକୁ ଥିବା କାତିକେଲା ଗ୍ରାମବାସୀଙ୍କ ସହିତ ଜିଲା ପ୍ରଶାସନର ମଙ୍ଗଳବାର ଆଲୋଚନା ହୋଇଥିଲା। ଏଥିରେ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଶିବ ଟପ୍ପୋ, ଗ୍ରାମବାସୀଙ୍କ ତରଫରୁ ବିହାରୀ ଓରାମ, କୁମୁଦିନୀ ରାଉତ, ସରୋଜିନୀ ଦେହେରିଆ, ସୌଭାଗିନୀ ପଧାନ, ବିଜୟ ସେଠ୍, ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମକୁ ତୁରନ୍ତ ବିସ୍ଥାପିତ କରିବା ଦାବିରେ ଗ୍ରାମବାସୀ ଗତ ୮ତାରିଖରେ ବେଦାନ୍ତ ପ୍ରକଳ୍ପ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ତ୍ରିପାକ୍ଷିକ ଆଲୋଚନା ପାଇଁ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇ ୨୦ତାରିଖ ଦିନଧାର୍ଯ୍ୟ ହୋଇଥିଲା। କିନ୍ତୁ ତ୍ରିପାକ୍ଷିକ ବଦଳରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଜିଲା ପ୍ରଶାସନ ଓ ଗ୍ରାମବାସୀ ରହିଥିଲେ । ହେଲେ ବେଦାନ୍ତ କମ୍ପାନୀର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ । ଗ୍ରାମବାସୀଙ୍କୁ ବିସ୍ଥାପିତ କରିବା ପାଇଁ

**କାତିକେଲା ଗ୍ରାମବାସୀ ବିସ୍ଥାପିତ ପ୍ରସଙ୍ଗ**

କମ୍ପାନୀ କର୍ତ୍ତୃପକ୍ଷ ଥଇଥାନ ଲାଗି ଜମି ଚିହ୍ନଟ କରାଯାଇ ଏହାର ଉନ୍ନତୀକରଣ କରାଯାଉଛି । ଏହା ସହିତ ବିସ୍ଥାପିତଙ୍କୁ କ୍ଷତିପୂରଣ ଦିଆଯିବ । ଏସବୁ ବ୍ୟବସ୍ଥାପାଇଁ କମ୍ପାନୀକୁ ଅଧିକ ସମୟର ଆବଶ୍ୟକତା ରହିଛି । ଏ ନେଇ କମ୍ପାନୀକୁ ଆଉ ୨ମାସ ସମୟ ଦେବା ପାଇଁ ଜିଲା ପ୍ରଶାସନ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଏହାକୁ ଗ୍ରାମବାସୀ ଅଗ୍ରାହ୍ୟ କରି ତୁରନ୍ତ ବିସ୍ଥାପିତ କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଗ୍ରାମରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଗ୍ରାମବାସୀଙ୍କ ତରଫରୁ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଓ ନେତାଜୀ ପଟ୍ଟନାୟକ ପ୍ରମୁଖ ଜିଲାପାଳ ସରୋଜ କୁମାର ସାମଲଙ୍କୁ ଭେଟି ବର୍ଷାଋତୁ ପୂର୍ବରୁ କାତିକେଲା ଗ୍ରାମକୁ ବିସ୍ଥାପିତ କରିବା ପାଇଁ ଦାବି କରିଛନ୍ତି। କାରଣ ପାଉଁଶ ପୋଖରୀ ବନ୍ଧ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ପୁନର୍ବାର ଭାଙ୍ଗିପାରେ ବୋଲି ତ୍ରିପାଠୀ ଅଭିଯୋଗ କରିଛନ୍ତି ।

# ଆଧାର ଲିଙ୍କ୍ ପାଇଁ ବ୍ଲକ ଅଫିସରେ ଗ୍ରାମବାସୀ


ଯୁଯୁମୁରା ବ୍ଲକ ଅଫିସକୁ ଆଧାର ଲିଙ୍କ୍ ପାଇଁ ଆସିଥିବା ଗ୍ରାମବାସୀ।

ସମ୍ବଲପୁର,୨୦।୪(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଟାମ୍ପରଗଡ ପଞ୍ଚାୟତ ତେତେଲମାଲ ଗ୍ରାମବାସୀ ସୋମବାର ରାଶନ କାର୍ଡରେ ଆଧାର ଲିଙ୍କ୍ ପାଇଁ ବ୍ଲକ ଅଫିସକୁ ଆସିଥିଲେ। କୋଭିଡ୍ ସମୟରେ ଘରୁ ନ ବାହାରିବାକୁ ନିର୍ଦ୍ଦେଶ ରହିଛି। ହେଲେ ପେଟପାଟଣା ପାଇଁ ସେମାନେ ଗାଡି ଭଡାରେ ଧରି ପ୍ରାୟ ୬୦ କିମି ଦୂର ବ୍ଲକ ଅଫିସରେ ପହଞ୍ଚିଥିବା କହିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ପୂର୍ବରୁ ରାଶନ କାର୍ଡରେ ନାମ ସହ ଆଧାର କାର୍ଡ ଲିଙ୍କ୍ ରହିଥିଲା। ହେଲେ କୋଭିଡ୍ ସମୟରେ ନାମ ବାଦ୍ ପଡିଯାଇଛି। ତେଣୁ ପିଡିଏସ୍ ସାମଗ୍ରୀ ପାଇପାରୁନାହାନ୍ତି। ପଞ୍ଚାୟତ ଅଫିସରେ ବାରମ୍ବାର ଅଧାର କାର୍ଡର ଜେରକ୍ସ ଦିଆଯାଉଛି। ଏଇ ମାସରେ ପାଇଯିବ ବୋଲି କେବଳ ପ୍ରତିଶ୍ରୁତି ମିଳୁଛି। କାର୍ଡରେ ପରିବାରର ସମସ୍ତ ସଦସ୍ୟଙ୍କ ନାମ ରହୁ ନାହିଁ। ତାହାକୁ ସାମିଲ କରିବାକୁ କହିଲେ ମଧ କରାଯାଉ ନାହିଁ। ତେଣୁ ବାଧ୍ୟ ହୋଇ ଟାଣ ଖରାରେ ପିଲାଛୁଆ ଧରି ବ୍ଲକ ଅଫିସ ଆସିବାକୁ ପଡୁଛି ବୋଲି କହିଥିଲେ। ଏ ସମ୍ପର୍କରେ ଯୁଯୁମୁରା ବିଡିଓ ସୁରଜ ବିଶ୍ୱାଳ କହନ୍ତି, ଆଧାର ଲିଙ୍କ୍ କରିବା ପାଇଁ ବ୍ଲକ ଅଫିସ ଆସିବା ଠିକ୍ ନୁହେଁ । ପଞ୍ଚାୟତ ଅଫିସରେ ସେମାନେ ଦେଇପାରିବେ। ପଞ୍ଚାୟତ ସ୍ତରର ଅଧିକାରୀମାନଙ୍କୁ ଆଧାର କାର୍ଡ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯିବ। ସେମାନେ ସେଠାରେ ସଂଗ୍ରହ କରି ବ୍ଲକ ଅଫିସରେ ଜମା କରିବେ।

# ବୌଦ୍ଧରେ ଚିନ୍ତା ବଢ଼ାଇଛି କରୋନା ସଂକ୍ରମଣ

**ପୁଣି ୨୩ ପଜିଟିଭ ଚିହ୍ନଟ**

ବୌଦ୍ଧ,୨୦।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ବୌଦ୍ଧ ଜିଲାରୁ ପୁଣି ୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି । ଦ୍ରୁତ ସଂକ୍ରମଣକୁ ନେଇ ଚିନ୍ତା ବଢିଛି। ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ କୋଭିଡ ଚିକିତ୍ସାଳୟ ପ୍ରସ୍ତୁତ ରଖାଯାଇଛି। ଅପରପକ୍ଷରେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ବଜାରଠାରୁ ଆରମ୍ଭ କରି ପାନଦୋକାନ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଜନଗହଳି କମୁନି। ପ୍ରତିଦିନ ପୋଲିସ ପକ୍ଷରୁ ମାସ୍କ ଧରପଗଡ କରାଯାଇ ଫାଇନ ଆଦାୟ କରାଯାଉଥିଲେ ହେଁ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ଆଜିର ୨୩ ଜଣ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ବର୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୨୯୧୮ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ୨୩ ଜଣ ସଂକ୍ରମିତଙ୍କ ମଧ୍ୟରେ ବୌଦ୍ଧ ସହରାଞ୍ଚଳରୁ ୧୩ ଜଣ , ହରଭଙ୍ଗା ବ୍ଲକ ଲୁଣିବାହାଲ, କରକଟା, ସରସରା ପଞ୍ଚାୟତରୁ ଜଣେ ଲେଖାଏ, କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତରୁ ୩ଜଣ, ନାରାୟଣପ୍ରସାଦ, ଗୁଡଭେଲିପଦର, ଆମ୍ବଗା, ବିଳାସପୁର ପଞ୍ଚାୟତରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଜିଲାରେ କରୋନା ସ୍ଥିତି ଗମ୍ଭୀର ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ସରକାରୀ କାର୍ଯ୍ୟାଳୟଗୁଡିକରେ ପ୍ରବେଶ ଉପରେ କଟକଣା କରାଯାଇଛି। ବିନା ଅନୁମତିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ସେହିପରି ଜିଲାରେ ଟିକାକରଣ କାର୍ଯ୍ୟକ୍ରମ ଜୋରଦାର କରାଯାଇଛି। କୋଭିଡ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।

# କୋଭିଡ୍ କେୟାର ସେଣ୍ଟରରେ ବେଡ୍ ବୃଦ୍ଧି ଦାବି

ଝାରସୁଗୁଡ଼ା ଅଫିସ,୨୦।୪


ଭାଜପା ନେତୃବୃନ୍ଦମାନେ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ପଡୋଶୀ ଛତିଶଗଡ ରାଜ୍ୟରେ କରୋନା ସଂକ୍ରମଣ ବଢିବାରେ ଲାଗିଛି। ଏହା ପଡୋଶୀ ଝାରସୁଗୁଡା ଜିଲା ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ଏପରିସ୍ଥଳେ ଜିଲା ପ୍ରଶାସନ ତରଫରୁ ଆଣ୍ଟିଜେନ ଓ ଆର୍‌ଟିପିସିଆର୍ ଟେଷ୍ଟକୁ ବୃଦ୍ଧି ସହି କୋଭିଡ୍ କେୟାର ସେଣ୍ଟରରେ ବେଡ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ଭାଜପା ଦାବି କରିଛି। ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳ ଶିବ ଟପ୍ପୋଙ୍କୁ ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କୁ ପ୍ରଦାନ କରାଯାଇଛି।

# ଭୁବନେଶ୍ୱର ମହାଦେବ ମନ୍ଦିର ଜରାଜୀର୍ଣ୍ଣ

ବାଉଁଶୁଣୀ,୨୦।୪(ଡି.ଏନ.ଏ.)

ବୌଦ୍ଧ ଜିଲାର ବାଉଁଶୁଣୀଠାରେ ଥିବା ପ୍ରାଚୀନ ଭୁବନେଶ୍ୱର ମହାଦେବ ମନ୍ଦିର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହେବାରେ ଲାଗିଛି । ଏପରି କି ଏହି ମନ୍ଦିର ଡାହାଣ ପାର୍ଶ୍ୱକୁ ଢଳିବାରେ ଲାଗିଛି । ଜିଲା ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ନଜର ନ ପଡିବା ଜନ ଅସନ୍ତୋଷର କାରଣ ହୋଇଛି । ଜନଶ୍ରୁତି ଅନୁଯାୟୀ, ଦ୍ୱାଦଶ ଶତାବ୍ଦୀରେ ପୁରୀର ରାଜା ତୃତୀୟ ଅନଙ୍ଗ ଭୀମଦେବ କୌଣସି ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇବା ପାଇଁ ସ୍ୱପ୍ନାଦେଶ ଅନୁସାରେ ବୌଦ୍ଧ ଜିଲାର ମହାନଦୀ କୂଳେ କୂଳେ ଅନେକ ଶିବ ମନ୍ଦିର ନିର୍ମାଣ କରିଥିଲେ । ଏହି ଶିବ ମନ୍ଦିର ମଧ୍ୟରୁ ଭୁବନେଶ୍ୱର ମହାଦେବ ଅନ୍ୟତମ । ତେବେ ମହାନଦୀ କୂଳରେ ଥିବା ଏହି ମହାଦେବ ମନ୍ଦିରରେ ବର୍ଷା ଋତୁରେ ନଦୀର ସ୍ରୋତ ବାରମ୍ବାର ବାଡେଇ ହେବା କାରଣରୁ ଏହା କ୍ରମଶଃ ଦୁର୍ବଳ ହୋଇ ଡାହାଣକୁ ଢ଼ଳିବାରେ ଲାଗିଛି । ଏପରି କି ମନ୍ଦିର ଚୂଳ ମଧ ଭାଙ୍ଗିବାକୁ ବସିଲାଣି । ଗତ ୨ ମାସ ତଳେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଏହି ମନ୍ଦିର ପରିଦର୍ଶନ କରି ଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ ।

**ରକ୍ଷଣାବେକ୍ଷଣ ଅଭାବରୁ ଡାହାଣ ପାର୍ଶ୍ୱକୁ ଢଳୁଛି**

ପ୍ରତିବର୍ଷ ଶିବରାତ୍ରିରେ ଏହି ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନେ ଦୂର ଦୂରନ୍ତରୁ ଆସି ପୂଜାର୍ଚ୍ଚନା କରିଥାନ୍ତି । ତେବେ ମନ୍ଦିରର ମରାମତି କରାଯାଉ ନ ଥିବାରୁ ଆଗାମୀ ଦିନରେ ଏହା ମହାନଦୀ ଗର୍ଭରେ ବିଲୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ଜିଲାପାଳଙ୍କ ଯଥାଶୀଘ୍ର ମନ୍ଦିର ରକ୍ଷଣାବେକ୍ଷଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।


ଭୁବନେଶ୍ୱର ମହାଦେବ ମନ୍ଦିର।

# ହୀରାଖଣ୍ଡ ସାମ୍ମୁଖ୍ୟର ବୈଠକ

ସମ୍ବଲପୁର, ୨୦।୪ (ବ୍ୟୁରୋ)

ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ଆନ୍ଦୋଳନ ପ୍ରସ୍ତୁତି ଲାଗି ମଙ୍ଗଳବାର ହୀରାକୁଦ ସାମ୍ମୁଖ୍ୟର ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ବୈଠକରେ ଡ. ପରେଶ ଚନ୍ଦ୍ର ଦାନି ଅଧକ୍ଷତା କରିଥିଲେ । ବିଶ୍ୱଜିତ ପ୍ରଧାନ ଓ ବିକାଶ ଦାଶ ହୀରାଖଣ୍ଡ ରାଜ୍ୟ ଆନ୍ଦୋଳନ ଲାଗି ଡିଜିଟାଲ ମଡେଲ ପ୍ରସ୍ତୁତ ଉପରେ ଆଲୋକପାତ କରିଥିଲେ। ଉପସଭାପତି ପ୍ରଶାନ୍ତ କୁମାର ପଟ୍ଟଯୋଶୀ ସୂଚନା ପ୍ରଦାନ କରିଥିଲେ। ସଂଯୋଜକ ଅଖିଳ ରଞ୍ଜନ ପଟ୍ଟନାୟକ ସଭ୍ୟ ସଂଗ୍ରହ ବିଷୟରେ ବକ୍ତବ୍ୟ ରଖିଥିଲେ।

# କେନ୍ଦୁଲିଫ୍ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା

ସମ୍ବଲପୁର, ୨୦।୪ (ବ୍ୟୁରୋ)

**ଜିଲା ଆଦିବାସୀ ଦଳିତ ସେନାର ସ୍ମାରକପତ୍ର**

ସମ୍ବଲପୁର ଜିଲା ଆଦିବାସୀ ଦଳିତ ସେନା ପକ୍ଷରୁ କେନ୍ଦୁଲିଫ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ନେଇ ସମ୍ବଲପୁର ମଣ୍ଡଳ କେନ୍ଦୁଲିଫ ମୁଖ୍ୟ ବନ ସଂରକ୍ଷଣଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଆଉଟ୍ ସୋର୍ସିଂ ମାଧ୍ୟମରେ ଡାଟା ଏଣ୍ଟ୍ରି ଅପରେଟର୍ ଓ କମ୍ପ୍ୟୁଟର୍ ପ୍ରୋଗ୍ରାମର ନିଯୁକ୍ତି ଲାଗି କରାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ଅବହେଳା କରାଯାଇଛି। ଚୟନ ପ୍ରକ୍ରିୟାରେ କଳା ତାଲିକାଭୁକ୍ତ ସଂସ୍ଥାକୁ କାର୍ଯ୍ୟରେ ବିନିଯୋଗ କରାଯାଇଛି। ତେଣୁ ଉକ୍ତ ସଂସ୍ଥାକୁ ତୁରନ୍ତ ବାତିଲ କରାଯାଉ, ନଚେତ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସେନା ଚେତାବନୀ ଦେଇଛି । ସଭାପତି ସୁବେଶ ମୁଣ୍ଡା, ଉପସଭାପତି ନିହାଲ ସିଂ, ଦିନେଶ ମୁଣ୍ଡା, ସୁରେଶ ବାଗ, ମହେଶ ମୁଣ୍ଡା, ଚନ୍ଦନ ଖଡିଆ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।


ଦାବିପତ୍ର ଦେବା ଲାଗି ଦଳିତ ସେନା ପ୍ରତିନିଧି ଦଳ ଯାଉଛନ୍ତି ।

# ଔଷଧ ଦୋକାନ ସିଲ୍

ଅତାବିରା/ସରଣ୍ଡା,୨୦।୪

ବରଗଡ଼ ଜିଲା ଅତାବିରାରେ ମଙ୍ଗଳବାର ମାସ୍କ ଯାଞ୍ଚ କରୁଥିବାବେଳେ ପୋଲିସ ସହିତ ଯୁକ୍ତିତର୍କ କରିବା ସ୍ଥାନୀୟ ଜଣେ ଔଷଧ ଦୋକାନୀଙ୍କୁ ମହଙ୍ଗା ପଡ଼ିଛି। କୋଭିଡ୍ ଗାଇଡ୍ ଉଲ୍ଲଂଘନ ଅଭିଯୋଗରେ ସମ୍ପୃକ୍ତ ଔଷଧ ଦୋକାନକୁ ସିଲ୍ କରି ଦିଆଯାଇଛି। ପ୍ରକାଶ ଯେ, ଅତାବିରା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମାସ୍କ ଯାଞ୍ଚ କରୁଥିବାବେଳେ ସମ୍ପୃକ୍ତ ଔଷଧ ଦୋକାନକୁ ପହଞ୍ଚିଥିଲେ। ଦୋକାନୀଙ୍କୁ କାହିଁକି ମାସ୍କ ପିନ୍ଧି ନାହଁ ବୋଲି ପଚାରିବାରୁ ସମ୍ପୃକ୍ତ ଦୋକାନୀ ପୋଲିସ ଟିମ୍ ସହିତ ଯୁକ୍ତିତର୍କ କରିଥିଲେ। ବରଗଡ଼ ଉପଜିଲାପାଳ ଶୁଭ୍ରାଂଶୁ ସାମଲ, ଥାନା ଏସ୍‌ଆଇ ଯାଦବ ବାଗ, ପ୍ରମୁଖଙ୍କ ଉପସ୍ଥିତିରେ ଦୋକାନ ସିଲ୍ କରାଯାଇଥିଲା।

# କରୋନା କଟକଣାକୁ ଫୁଁ

ଜହ୍ନାପଙ୍କ, ୨୦।୪ (ଡି.ଏନ.ଏ.)

ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ଦ୍ରୁତ ଗତିରେ ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ରାତି କର୍ଫ୍ୟୁ ସହିତ ବିବାହ, ମୃତାହ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଗାଇଡ ଲାଇନ ଜାରି ରହିଛି । ସାପ୍ତାହିକ ବଜାର, ଦୋକାନ ପାଇଁ ସାମାଜିକ ଦୂରତା ଓ ମାସ୍କ ବାଧ୍ୟତାମୂଳକ କରାଯାଇଛି । ହେଲେ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ନାରାୟଣନଗରରେ ବସୁଥିବା ମଙ୍ଗଳବାର ସାପ୍ତାହିକ ହାଟରେ କାଁ ଭାଁ ଦୋକାନୀ ଓ ଗ୍ରାହକ ମାସ୍କ ପିନ୍ଧିଥିବା ବେଳେ ସାମାଜିକ ଦୂରତାକୁ କେହି ମାନୁ ନ ଥିବା ଦେଖିବାକୁ ମିଳିଥିଲା। ଗତବର୍ଷ ସର୍ବାଧିକ କରୋନା ଆକ୍ରାନ୍ତ ଗାଁ ଭାବେ ବୌଦ୍ଧ ଜିଲାର ନାରାୟଣନଗର ରେକର୍ଡ ସୃଷ୍ଟି କରିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ପ୍ରଶାସନ ଏହି ଗାଁରେ ୧୪୪ ଧାରା ଜାରି କରିଥିଲା। ତେଣୁ ଏବେଠୁ ପ୍ରଶାସନ ସଜାଗ ହେବାକୁ ଦାବି ହେଉଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMIBBS2021018 ତା.13.04.2021ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ ବ୍ରୋଡ୍ ଗେଜ୍ (B.G.) ରେଳ ଲିଙ୍କ୍ ପ୍ରକଳ୍ପର କି.ମି.237.200 ଠାରୁ 238.400 ମଧ୍ୟରେ SH-41 ରେ ରୋଡ୍ ଅଣ୍ଡର ବ୍ରିଜ୍ ନଂ.675 (1x30.5m OWG) ରେ ବିୟରିଙ୍ଗ୍ ଏବଂ H-ବିମ୍ ସ୍ଲିପରଗୁଡ଼ିକ ସହିତ ଓପନ ୱେବ୍ ଗର୍ଡ଼ର ର ଗଠନ, ଯୋଗାଣ ଏବଂ ଉଦ୍‌ଥାପନ ଏବଂ ତେଲ ନଦୀରେ ବ୍ରିଜ୍ ନଂ.677 (17x45.7m OWG) ରେ ବିୟରିଙ୍ଗ୍ ଏବଂ H-ବିମ୍ ଷ୍ଟିଲ୍ ସ୍ଲିପରଗୁଡ଼ିକର ଉତ୍ପାଦନ, ଯୋଗାଣ ଏବଂ ଲଗାଇବା କାର୍ଯ୍ୟ ତଥା ମୁଗଲସରାଇ (ଉତ୍ତର ପ୍ରଦେଶ) ଠାରୁ ସୋନପୁର (ଓଡ଼ିଶା) ପର୍ଯ୍ୟନ୍ତ ଷ୍ଟିଲ ବ୍ରିଜ୍ ଗର୍ଡ଼ର କମ୍ପୋନେଣ୍ଟଗୁଡ଼ିକର ପରିବହନ ଏବଂ ଗର୍ଡ଼ର କମ୍ପୋନେଣ୍ଟଗୁଡ଼ିକର ଆରମ୍ଭ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2004.73ଲକ୍ଷ,

କାର୍ଯ୍ୟ ଶେଷ ହେବା ଅବଧି: 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.17.05.2021ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C / G ଏବଂ G1 ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍‌ର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-06/CE/21-22

**LEPRA SOCIETY**
**QUOTATION CALL NOTICE**

Sealed quotations are invited from interested parties for making of two numbers modular OT & ONE Minor OT as per NABH Guideline at 1st floor of MNC-LEPRA Society building.

Interested parties may visit hospital campus regarding work details between 11 AM to 5 PM on any working day. Submit of Quotations on or before 25/04/2021 to **"The Medical Superintendent, Mahanadi Netra Chikitsalaya, Lepra Society, Pandapalli, Birmaharjpur, Odisha, Pin-767018, Tel. 9437198482.**

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୨୧ ଏପ୍ରିଲ, ୨୦୨୧

## ଲୋଇସିଂହା : ଆଉ ୪୪ ସଂକ୍ରମିତ ଚିହ୍ନଟ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ମଙ୍ଗଳବାର ୪୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବ୍ଲକର ରେଙ୍ଗାଲିରୁ ସର୍ବାଧିକ ୩୦, ଲୋଇସିଂହାରୁ ୮ଜଣ, ବାଦିମୁଣ୍ଡା, ଯୋଗୀସର୍ଡା, କୁଶଙ୍ଗ, ମାଗୁରବେଡା, ତାଲଜୁରୀ ଓ ଉପରବାହାଲ ରୁଜଣେ ଲେଖାଏ ସଂକ୍ରମିତ ହୋଇଥିବା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ମିଳିଛି । ଅପରପକ୍ଷେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଓ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କର ଜଣେ କର୍ମଚାରୀ ଆକ୍ରାନ୍ତ ହେବା ପରେ ବ୍ୟାଙ୍କୁ ୪୮ ଘଣ୍ଟା ପାଇଁ ବନ୍ଦ କରି ଦିଆଯାଇଛି ।



### ସଂକ୍ଷେପରେ

## ପମ୍ପ ଚୋରି ଅଭିଯୋଗ, ୩ ଅଟକ

ଲୋଇସିଂହା,୨୦।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ମୁଷ୍ଣ୍ଡି ଗ୍ରାମର କେତେକ ଚାଷୀଙ୍କ ଜମିରୁ ଟୁଲୁ ଓ ସୋଲାର ପମ୍ପ ଚୋରି ହୋଇଥିବା ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଟକ ଯୁବକମାନେ ମୁଷ୍ଣ୍ଡି ଗ୍ରାମର। ଆଗଲପୁର ବ୍ଲକ ମୁଷ୍ଣ୍ଡି ଗାଁ ଅଙ୍ଗନଦୀ ତଟରେ ଅବସ୍ଥିତ। ଗ୍ରାମବାସୀ ଉଭୟ ଖରିଫ ଓ ରବିଧାନ ଚାଷ କରିଥାନ୍ତି। ଚାଷୀମାନେ ଅଙ୍ଗନଦୀ କିମ୍ବା କୂଅରୁ ଟୁଲୁ ପମ୍ପ ଓ ସେଲାର ପ୍ରକଳ୍ପ ବସାଇ ଚାଷରେ ପାଣି ମଡାଇଥାନ୍ତି। ହେଲେ ଏକମାସ ହେଲା ପମ୍ପ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା । ଚୋରି ଅଭିଯୋଗରେ ୩ଜଣଙ୍କୁ ଗ୍ରମବାସୀ ଅଟକ ରଖି ପୋଲିସକୁ ସୂଚନା ଦେଇଥିଲେ । ନିରୋଜ ପଧାନ ନାମକ ଜଣେ ଚାଷୀ ଚୋରି ହୋଇଥିବା ମୋଟର ଇତିମଧରେ ଫେରି ପାଇଛନ୍ତି ।

## ପାଇପ୍ ଫାଟି ଜଳଯୋଗାଣରେ ସମସ୍ୟା

ପଦ୍ମପୁର, ୨୦।୪ (ଡି.ଏନ.ଏ): ବରଗଡ଼ ଜିଲା ରାଜବୋଡାସମ୍ବର ପଦ୍ମପୁର ବ୍ଲକ ଖଇରପାଲି ଗ୍ରାମରେ ପାନୀୟ ଜଳସଙ୍କଟ ଦେଖାଯାଇଛି। ଗ୍ରାମକୁ ପାନୀୟ ଜଳଯୋଗାଣ କରାଯାଉଛି। କିନ୍ତୁ ନାନା ଅବ୍ୟବସ୍ଥା ଯୋଗୁ ଗ୍ରାମବାସୀଙ୍କୁ ଠିକ୍ ଭାବେ ପାଣି ମିଳୁନାହିଁ। ମୁଖ୍ୟ ପାଇପରୁ ପ୍ରତି ଘରକୁ ମନମୁଖି ପାଇପ ଲାଇନ ସଂଯୋଗ କରାଯାଇଛି। ଫଳରେ ମୁଖ୍ୟ ପାଇପ ଅନେକ ସ୍ଥାନରେ ଫାଟି ଯାଇ ଜଳଯୋଗାଣରେ ସମସ୍ୟା ସୃଷ୍ଟି ହେଉଛି। ନୂତନ ପାଇପ ଲଗାଇ ମରାମତି କରିବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଆଗକୁ ତାତି ବଢ଼ିବ। ତେଣୁ ପୁରୁଣା ପାଇପ ପରିବର୍ତ୍ତନ କରି ପାନୀୟ ଜଳଯୋଗାଣ କରିବାକୁ ଅଶୋକ ସେଠ, ଅର୍ଜୁନ ଗିଙ୍ଗରା, ଜୟଦେବ ସାହୁ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ସାହିତ୍ୟ ପ୍ରତିଷ୍ଠାନର ମାସିକ କବିତା ଆସର

ଭବାନୀପାଟଣା, ୨୦।୪ (ଡି.ଏନ.ଏ.): କଳାହାଣ୍ଡିର ଅଗ୍ରୀଣ ସାହିତ୍ୟ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଭବାନୀପାଟଣା ପକ୍ଷରୁ ଅନଲାଇନ ମାଧମରେ ମାସିକ କବିତା ଆସର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଦାଶରଥି ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଅଭିନେତା ଡ. ପ୍ରହ୍ଲାଦ ବେହେରା ଯୋଗ ଦେଇଥିବା ବେଳେ ଅନୁଷ୍ଠାନ ସଭାପତି ସହନଲାଲ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଡ. ସନ୍ତୋଷ ଶତପଥୀ ସମ୍ପାଦକୀୟ ବକ୍ତବ୍ୟ ରଖିଥିଲେ। ଯୁବକବି ବିଶ୍ୱରଞ୍ଜନ ପଣ୍ଡା ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବକବି ଦକ୍ଷ ସାହୁଙ୍କ କବିତା ସଂଯୋଜନାରେ କବି ସ୍ନେହଲତା ଷଡଙ୍ଗୀ, ଗୀତାଞ୍ଜଳୀ ମହାନ୍ତି, ମିନତୀ ପ୍ରଧାନ, ସାଗରିକ ମିଶ୍ର, ରିତା ପଟ୍ଟଯୋଶୀ, ମିନା ମୁଣ୍ଡ, ନାହେଦା ସାହିନ, ମଞ୍ଜୁରଣୀ ରଥ, ସୁଦେସ୍ନା ପଣ୍ଡା, ସୁମତିମୁଣ୍ଡ, ଦିଲୀପ ପ୍ରଧାନ, ଜୟଦରଥ ସୁନା, ଭାଗିରଥି ସିଂ, ପରମା ନାୟକ ସୁଧୀର କୁମାର ଧଙ୍ଗଡା ମାଝି ପ୍ରମୁଖ ନିଜ ସ୍ୱରଚିତ କବିତା ପାଠ କରିଥିଲେ। ଯୁବକବି ଆଶୁତୋଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋକସଭାରେ ବ୍ରଜକିଶୋର ସିଂ ଭୋଇଙ୍କ ସ୍ମୃତିଚାରଣ

ମୁରିବାହାଲ, ୨୦।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଙ୍କେଲ ପଞ୍ଚାୟତର ସଦର ଗାଁରେ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂ ଭୋଇଙ୍କ ବିୟୋଗରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର, ଜିଲା ଉପସଭାପତି ବିଶିକେଶନ ଯାନୀ, ପାର୍ଥୀରାମ ଭୋଇ, ଭୁବନ ମାଝୀ, ପୂର୍ଣ୍ଣ ମାଝୀ, ପାତରଙ୍ଗୀ ମାଝି, ହରି ମାଝୀ, ସଂଯୁକ୍ତା ମାଝୀ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ବିକାଶ ଓ ସଂଘକୁ ମଜବୁତ କରିବା ଦିଗରେ ବ୍ରଜକିଶୋରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ମୃତ୍ୟୁ ଆଦିବାସୀ କଲ୍ୟାଣ ସଂଘ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସଭାରେ ମତପ୍ରକାଶ ପାଇଥିଲା।

# ମେ ୫ରୁ ରବି ଧାନକିଣା

ବରଗଡ଼ ଅଫିସ୍,୨୦।୪



ବରଗଡ଼ ଓସ୍ୱାନ ହଲରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ।

ବରଗଡ଼ ଜିଲାରେ ମେ ୫ରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ପ୍ୟାକ୍ସ ଜରିଆରେ ଯୋଗାଣ ନିଗମ ଧାନ କିଣିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଓସ୍ୱାନ ହଲ୍‌ରେ ମଙ୍ଗଳବାର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥର ମଧ୍ୟ ଟୋକନ ବ୍ୟବସ୍ଥାରେ ଧାନ ସଂଗ୍ରହ ହେବ । ତେବେ ଏକର ପ୍ରତି କେତେ ପରିମାଣର ଧାନ କିଣାଯିବ, ସେ ନେଇ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ନେବ ବୋଲି ସୂଚନା ଦିଆଯାଇଥିଲା ।

ଧାନ ସଂଗ୍ରହ ପାଇଁ ବରଗଡ଼ ଜିଲାର ୩ ଆର୍‌ଏମ୍‌ସି ଅଧୀନରେ ମଣ୍ଡିଗୁଡ଼ିକ ଖୋଲିବ। ଗତବର୍ଷ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାରେ ୧୨୮ଟି ମଣ୍ଡି ଖୋଲିଥିଲା। ଏଥର ଧାନ କିଣାବିକା ପାଇଁ କେତୋଟି ମଣ୍ଡି ଖୋଲିବ, ତାହା ଚୂଡ଼ାନ୍ତ ହୋଇନାହିଁ। ମଣ୍ଡି ଗୁଡ଼ିକ ସପ୍ତାହକ ୬ଦିନ ଖୋଲା ରହିବ ଏବଂ ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ ହେବ। ଗତଥର ଧାନ କିଣାବିକାରେ ଜିଲାର ୧୩ଟି ଏସ୍‌ଏଚ୍‌ଜି ଧାନ କିଣାବିକାରେ ସାମିଲ ହୋଇଥିଲେ। ମାତ୍ର ଏଥର ଧାନ ସଂଗ୍ରହ ପ୍ରକ୍ରିୟାରେ ଏସ୍‌ଏଚ୍‌ଜି ସାମିଲ ହେବା ଆଶା କ୍ଷୀଣ । ତଦନ୍ତ ପରେ ଧାନ କିଣାବିକା ପାଇଁ ଯୋଗ୍ୟ ବିବେଚିତ ହେଲେ ଏସ୍‌ଏଚ୍‌ଜିଗୁଡ଼ିକୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଥିଲେ। ଏଥର ଧାନକିଣାରେ ଯୋଗ୍ୟତା ଭିତ୍ତିରେ ୧୧୩ ମିଲର୍ସ ସାମିଲ ହେବାର ସମ୍ଭାବନା ଥିବାବେଳେ ପ୍ରାୟ ୭୦ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ପ୍ରାୟ ୪ହଜାର ଚାଷୀଙ୍କ କିଛି ସମସ୍ୟା ରହିଛି ଏବଂ ତାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି ବୋଲି ଦାସ କହିଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ମଣ୍ଡିରେ ଆବଶ୍ୟକ ପାନୀୟଜଳ, ତାର୍ପୋଲିନ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ପ୍ରତିନିଧି ସୁରେଶ୍ୱର ଶତପଥୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ, ସମବାୟ ଉପନିବନ୍ଧକ ଭକ୍ତବନ୍ଧୁ ସାହୁ, ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା ଏବଂ ମିଲର୍ସ ପ୍ରତିନିଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ବରଗଡ଼ ଜିଲା**
- ଟୋକନ ବ୍ୟବସ୍ଥା ଅପରିବର୍ତ୍ତିତ
- ସପ୍ତାହକ ୬ଦିନ ମଣ୍ଡି ଖୋଲା
- ପ୍ୟାକ୍ସ ଜରିଆରେ ଧାନକିଣା
- ବାଦ୍ ପଡ଼ିପାରନ୍ତି ଏସ୍‌ଏଚ୍‌ଜି

## କୋଭିଡ୍ କଟକଣାରେ ଚୈତ୍ରଯାତ୍ରା ପାଳିତ

କୋକସରା, ୨୦।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ଦେବୀପୀଠରେ କୋଭିଡ୍ କଟକଣା ମଧରେ ଚୈତ୍ରଯାତ୍ରା ପାଳନ ହୋଇଯାଇଛି। ଗତ ଦୁଇ ବର୍ଷ ହେବ କରୋନା ଯୋଗୁ ଚୈତ୍ର ପର୍ବରେ ଘଟଯାତ୍ରା ଫିକା ପଡ଼ିଛି। ଚଳିତବର୍ଷ ମଧ କୋଭିଡ୍ କଟକଣା ଯୋଗୁ ଅଳ୍ପ ସଂଖ୍ୟକ ସେବାୟତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଛି ଚୈତ୍ରଯାତ୍ରା। କୋକସରା ସଦରରେ ମା' ଠାକୁରାଣୀଙ୍କ ମନ୍ଦିରରେ ବିଧି ମୁତାବକ ପୂଜା ପାଇଛନ୍ତି। ମା' ଠାକୁରାଣୀ ଦେବୀଙ୍କ ମୁଖ୍ୟ ପୂଜକ ନନ୍ଦକିଶୋର ଧରୁଆ ସମସ୍ତ ପୂଜାବିଧି କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜାବିଧିରେ ସେବାୟତମାନେ ସହଯୋଗ କରିଥିଲେ। ସେହିପରି ବ୍ଲକର ଚିଲିଗୁଡାରେ ଥିବା ଶକ୍ତିପୀଠରେ ଅଧିଷ୍ଠାତ୍ରୀ ଦେବୀ ମା' ସର୍ବ ମଙ୍ଗଳାଙ୍କ ଚୈତ୍ରଯାତ୍ରା ବିଧି ମୁତାବକ ପାଳନ ହୋଇଛି। ମାଝିଗୁଡା, ରେଙ୍ଗାଳପାଲି, ଝରିଆଗୁଡା, ଗମ୍ଭାରୀଗୁଡା ସହ ବିଭିନ୍ନ ସ୍ଥାନରେ ଚୈତ୍ରଯାତ୍ରା ନିରାଡ଼ମ୍ବର ଭାବେ ପାଳନ ହୋଇଛି।

# ଲସ୍ତୁଲା ସରପଞ୍ଚ ପଦବୀ ଅସିଦ୍ଧ ଘୋଷିତ

ଉଲୁଣ୍ଡା, ୨୦।୪ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଲସ୍ତୁଲା ଗ୍ରାମ ପଞ୍ଚାୟତର ସରପଞ୍ଚ ଦୀପାଞ୍ଜଳି ସେଠୀଙ୍କୁ ଜିଲାପାଳ ମୋନିଷା ବାନାର୍ଜି ଅଯୋଗ୍ୟ ଘୋଷଣା କରିଛନ୍ତି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୨୬୨/ତା୧୬।୪।୨୧ରେ ସୂଚନା ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶନାମା ପରେ ମଙ୍ଗଳବାର ନାଏବ ସରପଞ୍ଚ ତ୍ରିପୁରାରୀ ମେହେର ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଡିଓ ହେମସାଗର ଭୋଇଙ୍କ ଉପସ୍ଥିତିରେ ଜିପିଇଓ ଦୀନବନ୍ଧୁ ମଲ୍ଲିକ ନାଏବ ସରପଞ୍ଚ ମେହେରଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଦାୟିତ୍ୱ ଅର୍ପଣ ବେଳେ ସମିତି ସଭ୍ୟ ଉପସ୍ଥିତ ଥିଲେ। ତା୨୧।୪।୯୫ରିଖ ପରେ ଦୀପାଞ୍ଜଳିଙ୍କ ତୃତୀୟ ସନ୍ତାନ ଜନ୍ମ ହୋଇଥିବା ବିଭୀଷଣ କୁମ୍ଭାର ଓ ଅନ୍ୟମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତିନୋଟି ସନ୍ତାନ ଥିବା ପ୍ରମାଣିତ ହେବା ପରେ ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ର ଧାରା ୨୬ରେ ଜିଲାପାଳଙ୍କ ଉପରେ ନ୍ୟସ୍ତ କ୍ଷମତା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।


ନାଏବ ସରପଞ୍ଚ ତ୍ରିପୁରାରୀ ମେହେରଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରାଯାଉଛି।

**ନାଏବ ସରପଞ୍ଚଙ୍କୁ ଦାୟିତ୍ୱ**

## ହାଟରେ କରୋନା ନିୟମ ଉଲ୍ଲଂଘନ

ଜାମଟିକ୍ରା, ୨୦।୪ (ଡି.ଏନ.ଏ)

ଅତାବିରା ବ୍ଲକରେ ସରକାରଙ୍କ ତରଫରୁ ନାଇଟ୍ କର୍ଫ୍ୟ ଲଗାଯାଇଛି। ହେଲେ ଅତାବିରା ସାପ୍ତାହିକ ହାଟରେ ଜନସମାଗମ ହେଉଛି। ଏଠାରେ ଖୋଲାଖୋଲି କୋଭିଡ କଟକଣାକୁ ଉଲ୍ଲଠଘନ କରାଯାଉଛି। ଏହି ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତଥାପି ସାପ୍ତାହିକ ହାଟରେ ଭିଡ ଜମୁଛି। ଦୁଇ ସପ୍ତାହ ହେଲା ହାଟ ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ବସୁଛି। ଲୋକେ ବିନା ମାସ୍କରେ ହାଟକୁ ପ୍ରବେଶ କରି ସାମାଜିକ ଦୂରତା ବଜାୟ ନ ରଖି ପନିପରିବା କିଣାବିକା କରୁଛନ୍ତି । ଫଳରେ କରୋନା ସଂକ୍ରମଣ ଆହୁରି ବଢ଼ିବା ଆଶଙ୍କା ରହିଛି।

## ମାହେଶ୍ୱରୀ ମନ୍ଦିରକୁ ନାହିଁ ରାସ୍ତା

ବିନିକା,୨୦।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଦେଣ୍ଡୁପଦର ଗାଁରେ ରହିଛି ମା ମାହେଶ୍ୱରୀଙ୍କ ପ୍ରାଚୀନ ମନ୍ଦିର। ହେଲେ ଏହି ପୀଠକୁ ରାସ୍ତାନାହିଁ। ଏକ କ୍ଷେତର ଆଡି ରାସ୍ତାରେ ମନ୍ଦିରକୁ ଶ୍ରଦ୍ଧାଳୁ ଯିବା ଆସିବା କରୁଛନ୍ତି। ବର୍ଷାଋତୁରେ ପାଣି କାଦୁଅରେ ଭରି ଯାଉଥିବାରୁ ଏହି ରାସ୍ତାରେ ଯିବା ଆସିବାରେ ଲୋକେ ଅସୁବିଧା ଭୋଗିଥାନ୍ତି। ଦଶହରା ପାର୍ବଣରେ ମାଙ୍କ ନଗର ବିଜେ ଏହି ଆଡିରାସ୍ତାରେ ନାନା ଅସୁବିଧା ମଧରେ ହୋଇଥାଏ। ବହୁ ସମୟରେ ଉକ୍ତ ସ୍ଥାନରେ ଛୋଟବଡ ଦୁର୍ଘଟଣା ଘଟେ । ସମସ୍ୟା ନେଇ ଦେଣ୍ଡୁପଦର ଗ୍ରାମବାସୀ ଓ ସ୍ଥାନୀୟ ୱାର୍ଡମେମ୍ବର ତୁଳାରାମ ଗଡୁଆ ପଞ୍ଚାୟତ ସଭାରେ ଦାବି ଜଣାଇ ଅସୁଥିଲେ ସୁଦ୍ଧା ରାସ୍ତା ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ । ଏନେଇ ସ୍ଥାନୀୟ ମନ୍ଦିର କମିଟି ସଭ୍ୟ ଏବଂ ପୂଜକ ବ୍ଲକ ଅଧକ୍ଷ ଅଶୋକ ନନ୍ଦଙ୍କୁ ମଙ୍ଗଳବାର ସାକ୍ଷାତ କରିଥିଲେ । ପୀଠକୁ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିବା ମାହେଶ୍ୱରୀ ମନ୍ଦିର କମିଟି ସଦସ୍ୟ, ପୂଜକ ଭଗବାନ ଗଡୁଆ, ଅଶୋକ ଗଡୁଆ, ତୁଳାରାମ ଗଡୁଆ, ନୀଳମଣି ପଳିତା, ନୀଳମଣି ଦନ୍ତା ପ୍ରମୁଖ କହିଛନ୍ତି।

**ବ୍ଲକ ଅଧକ୍ଷଙ୍କୁ ଭେଟିଲେ ଗ୍ରାମବାସୀ**

# ସମ୍ପୂର୍ଣ୍ଣ ଶଟ୍‌ଡାଉନ ପାଇଁ ଜିଲାପାଳଙ୍କୁ ଭେଟିଲା ଓକିଲ ସଂଘ

ନୂଆପଡ଼ା ଅଫିସ, ୨୦।୪

ନୂଆପଡା ଜିଲାରେ ଗତ କିଛି ଦିନ ହେଲା କରୋନା ସଂକ୍ରମଣ ଦ୍ରୁତଗତିରେ ବଢୁଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ଜିଲା ଓକିଲ ସଂଘ ସଭାପତି ପ୍ରଶନ୍ନ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ଜିଲାପାଳଙ୍କୁ ଭେଟିଛନ୍ତି। ଜିଲାକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ କିମ୍ବା ସଟଡାଉନ କରିବାକୁ ସଂଘ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହା ଉପରେ ଜିଲାପାଳ ସ୍ୱାଧାଦେବ ସିଂ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ନୂଆପଡା ଜିଲା ଏବେ ରେଡ ଜୋନରେ ରହିଛି। ଜିଲାର ସହରାଞ୍ଚଳରେ ଗତବର୍ଷ କରୋନାଜନିତ ମୃତ୍ୟୁହାର ବଢ଼ିଥିଲା। ନଭେମ୍ବର ଓ ଡିସେମ୍ବର ବେଳକୁ ସ୍ଥିତିରେ କିଛିଟା ସୁଧାର ଆସିଥିଲା। ଏବେ ଦ୍ୱିତୀୟ ଲହରରେ ପରିସ୍ଥିତି ଅସମ୍ଭାଳ ହେଲାଣି। ସତର୍କତା ଅବଲମ୍ବନ ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ହେଲେ ଜିଲାରେ ଲୋକେ ଆଦୌ ସତର୍କ ହେଉ ନ ଥିବା ଲକ୍ଷ୍ୟ କରାଯାଇଛି। ସବୁ କିଛି ସ୍ୱାଭାବିକ ଢ଼ଙ୍ଗରେ ଚାଲିଛି। ରାସ୍ତାଘାଟ ସବୁବେଳେ ଜାମ ରହୁଛି। ଦୋକାନ ବଜାର ତଥା ସର୍ବସାଧାରଣ ସ୍ଥାନରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଅଧିକାଂଶ ଲୋକ ମାସ୍କ ବ୍ୟବହାର କରୁନାହାନ୍ତି କିମ୍ବା ସାମାଜିକ ଦୂରତା ପାଳନ କରୁନାହାନ୍ତି। ଗତବର୍ଷ ଛତିଶଗଡରେ କରୋନା ପ୍ରଭାବ ସେତେ ନ ଥିଲା। ମାତ୍ର ଏବେ ଛତିଶଗଡରେ ଅଧିକ ସଂକ୍ରମଣ ଦେଖାଦେଲାଣି । ନୂଆପଡା ସହିତ ଛତିଶଗଡର ସିଧାସଳଖ ସମ୍ପର୍କ ଥିବାରୁ ପ୍ରତିଦିନ ଶହ ଶହ ଲୋକଙ୍କ ଯାତାୟାତ ହେଉଛି । ନୂଆପଡା ଜିଲାର ରୋଗୀ ପ୍ରାୟ ଛତିଶଗଡ ଉପରେ ନିର୍ଭର କରୁଥିବାରୁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇ ପଡିଲାଣି। ଜିଲାରେ ଏବେ କରୋନା ରୋଗୀ ଯେଉଁ ମାତ୍ରାରେ ବଢୁଛନ୍ତି ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ନ ମିଳିଲେ ଆଗାମୀ ଦିନରେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ନୂଆପଡା ଜିଲାକୁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସଟଡାଉନ କରିବାକୁ ଦାବି ହେଉଛି। ଜିଲାପାଳଙ୍କୁ ଭେଟିବା ଟିମରେ ସଭାପତି ପାଢ଼ୀଙ୍କ ସହ ଉପସଭାପତି ପପୁ ସ୍ୱାଇଁ, ଅଶ୍ୱିନୀ ବାଗ, ଆଇନଜୀବୀ ସିତୁ ବୋଧନକର ପ୍ରମୁଖ ଉପସ୍ଥିତ ଥିଲେ।

## କେସିଙ୍ଗା ଷ୍ଟେଶନରେ ସ୍କ୍ରିନିଂ ସମୀକ୍ଷା କଲେ ଜିଲାପାଳ

ଭବାନୀପାଟଣା, ୨୦।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି। ଛତିଶଗଡ ଓ ଅନ୍ୟ ରାଜ୍ୟରୁ ଜିଲାକୁ ଆସୁଥିବା ଲୋକମାନଙ୍କ ଗତିବିଧି ପ୍ରତି ପ୍ରଶାସନ ତିକ୍ଷ୍ଣ ନଜର ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଓ ଡିଏଫ୍‌ଓ କେସିଙ୍ଗା ଷ୍ଟେଶନ ଯାଇ ବିଭିନ୍ନ ଟ୍ରେନ୍‌ରୁ ଓହ୍ଲାଉଥିବା ଯାତ୍ରୀମାନଙ୍କୁ କିପରି ସ୍କ୍ରିନିଂ କରାଯାଉଛି ତାହା ଉପରେ ସମୀକ୍ଷା କରିଥିଲେ। ଟ୍ରେନଗୁଡିକରୁ ଓହ୍ଲାଉଥିବା ସମସ୍ତ ଯାତ୍ରୀଙ୍କ ସ୍କ୍ରିନିଂ କରିବା ସହ ସନ୍ଦେହ ହେଲେ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। କେସିଙ୍ଗା ଏନ୍‌ଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ରେଳ ବିଭାଗ କର୍ମଚାରୀଙ୍କ ସହ ଆଲୋଚନା କରି ଏହା ଉପରେ ନଜର ରଖି ରିପୋର୍ଟ କରିବାକୁ ପରାମର୍ଶ ଦେଇଥିଲେ।

## ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଫେରାଦ


ଡୁମେରପିଟା ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଭେଟିବାକୁ ଆସିଥିବା ଭିଲେଜର୍ସ ଇଣ୍ଡିଆ ପାର୍ଟି ସଦସ୍ୟ।

ଦେଓଗାଁ, ୨୦।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଡୁମେରପିଟା ପଞ୍ଚାୟତର ନବନିର୍ମିତ ପଞ୍ଚାୟତ କୋଠା କାମ ସରିଥିଲେ ହେଁ କାମରେ ଲାଗୁନାହିଁ। ତୁରନ୍ତ ଉକ୍ତ କୋଠାକୁ କାର୍ଯ୍ୟକ୍ଷମ ଦାବିରେ ମଙ୍ଗଳବାର ଭିଲେଜର୍ସ ଇଣ୍ଡିଆ ପାର୍ଟି ତରଫରୁ ଅଧକ୍ଷ ଡ.ବିପିନ କୁଶୁଲିଆଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଡିଓ ମୂରଲୀଧର ନାଏକଙ୍କୁ ଫେରାଦ ହୋଇଛନ୍ତି । ରାମଚନ୍ଦ୍ରପୁର ପଞ୍ଚାୟତକୁ ବିଭକ୍ତ କରି ନୂତନ ପଞ୍ଚାୟତ ଗଠନ ହେବା ଦିନଠାରୁ ପଞ୍ଚାୟତରେ ଚତୁର୍ଥ କର୍ମଚାରୀଭାବେ କାର୍ଯ୍ୟ କରୁଥିବା ନାଦିର ଭୂଏଙ୍କୁ ନିୟମିତ କର୍ମଚାରୀ ପରିଗଣିତ କରି ପ୍ରାପ୍ୟ ପ୍ରଦାନ, ପଞ୍ଚାୟତ ମୁଖ୍ୟାଳୟରେ ପିଡିଏସ ସାମଗ୍ରୀ ବଣ୍ଟନ, ଗତବର୍ଷ କ୍ୱାରାଣ୍ଟାଇନରେ ଥିବା ୨୦ ପ୍ରବାସୀ ଶ୍ରମିକଙ୍କୁ ୨ହଜାର ଟଙ୍କା ଲେଖାଏ ପାଉଣା ତୁରନ୍ତ ପ୍ରଦାନ କରିବାକୁ ପାର୍ଟି ଦାବି କରିଛି। ଦାବିଗୁଡିକ ଅବିଳମ୍ବେ ପୂରଣ କରା ନ ଗଲେ ପାର୍ଟି କୋଭିଡ ନିୟମ ପାଳନ ପୂର୍ବକ ଧାରଣା ଦେବ ବୋଲି ଚେତାବନୀ ଦିଆଯାଇଛି।

# ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

ଲୋଇସିଂହା,୨୦।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ବୋଥନୀ କନଭେଣ୍ଟ ସ୍କୁଲରେ ସ୍ଥାନୀୟ ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ମକ୍‌ଡ୍ରିଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍କୁଲରେ ନିଆଁ ଲିଭା ଓ ବିପନ୍ନଙ୍କୁ କିପରି ଉଦ୍ଧାର କରାଯାଇଥାଏ ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଘରେ ରୋଷେଇ ବେଳେ ରନ୍ଧନ ଗ୍ୟାସ ସିଲିଣ୍ଡରେ ନିଆଁ ଲାଗିଲେ କିପରି ଲିଭାଯାଇ ପାରିବ ତାହାର କୌଶଳ ଦେଖାଇଥିଲେ ଅଗ୍ନିଶମ କର୍ମଚାରୀ । ଏପ୍ରିଲ୧୪ରୁ ଆରମ୍ଭ ହୋଇଥିବା ଅଗ୍ନିଶମ ସେବା ସପ୍ତାହ ପାଳନ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ପଞ୍ଚାନନ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବିଭିନ୍ନ ଗାଁକୁ ଯାଇ ଅଗ୍ନିଶମ କର୍ମଚାରୀମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ।


ନିଆଁ ଲିଭା କୌଶଳର ତାଲିମ ପ୍ରଦାନ କରାଯାଉଛି।

# ବାଲ୍ୟବିବାହ ରୋକିବାକୁ ସଂକଳ୍ପ

ଅମରପାଲି, ୨୦।୪ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଯୁଧିଷ୍ଠିରପୁର (ପଧାନପଡା)ଠାରେ ଅଞ୍ଚଳର ଡୁମାଳ ଜାତିଭାଇଙ୍କୁ ନେଇ ଏକ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଜାତି ସମାଜ ସଭାପତି ସୀତାରାମ ପଧାନ ଏଥିରେ ସଭାପତିତ୍ୱ କରିଥିଲେ। ଡୁମାଳ ପରିଷଦ ରାଜ୍ୟ ସଭାପତି କୃତ୍ତିବାସ ପଲିଆ ମୁଖ୍ୟଅତିଥି, ସମ୍ମାନୀତ ଅତିଥିଭାବେ ଡୁମାଳ ପରିଷଦ ରାଜ୍ୟ ସହସମ୍ପାଦକ ଶମ୍ଭୁ ଗିରି, କେନ୍ଦ୍ର ସଭାପତି ଦୟାସାଗର ମେଣ୍ଡିଲି, ସମ୍ପାଦକ ତୀର ମହାକୁର, କୋଷାଧକ୍ଷ ଉମାକାନ୍ତ ପଧାନ, ସଭ୍ୟ ଶଙ୍କର୍ଷଣ ଛନ୍ଦ, ପୀତବାସ ଖେତି, ଉପେନ୍ଦ୍ର ମହାକୁର ଉପସ୍ଥିତ ଥିଲେ। ଉପସ୍ଥିତ ଜାତିଭାଇଙ୍କୁ ବାଲ୍ୟ ବିବାହ ରୋକିବା ଉପରେ ସଚେତନତା ବାର୍ତ୍ତା ପ୍ରଦାନ ଶହ ଶପଥ ପାଠ କରାଯାଇଥିଲା। ଜାତି ସମାଜର ନୀତି ଓ ଆଦର୍ଶ ମାନି ଚଳିବାକୁ ସୂଚନା ଦିଆଯାଇଥିଲା। ମାହେଶ୍ୱରୀ ସଂସ୍କୃତି ଭବନ ନିର୍ମାଣ, କୃଷି, ଶିକ୍ଷା ଓ ଗୋ ସେବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଜାତି ସମାଜର ଅଜିତ ପଧାନ, ହିମାଂଶୁ ପଧାନ, ଅରବିନ୍ଦ ପଧାନ, ସୌନକ ପଧାନ, ତ୍ରିଲୋଚନ ଦେହୁରୀ, ଅଶୋକ ପଧାନ, ସେବକରାମ ପଧାନ, ମହାଦେବ ପଧାନ, ରୋହିତ ପଧାନ, ରାଘବ ପଧାନ ଓ ନାରାୟଣ ବାଘ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅକ୍ରୁର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।


ଯୁଧିଷ୍ଠିରପୁରରେ ଅନୁଷ୍ଠିତ ସଂକଳ୍ପ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଡୁମାଳ ସମାଜର ସଦସ୍ୟ।

**ଡୁମାଳ ପରିଷଦର ସଚେତନତା କାର୍ଯ୍ୟକ୍ରମ**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୧ ଏପ୍ରିଲ, ୨୦୨୧



## ଭାରସାମ୍ୟ ହରାଇ ଓଲଟିଲା ଗାଡ଼ି: ୩ ଗୁରୁତର

**ନୂଆପଡ଼ା ଅଫିସ:** ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଖଡାନଠାରେ ଏକ ଗାଡି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏଥିରେ ଡ୍ରାଇଭର ଦିଲୀପ ଚନ୍ଦୱାନା (୪୫)ଙ୍କ ହାତ ଭାଙ୍ଗିଥିବା ବେଳେ ବିନୋଦ ଅଗ୍ରୱାଲ (୪୫) ଓ ହୁକୁମ ଚନ୍ଦ ଅଗ୍ରୱାଲ (୬୦)ଚେତାଶୂନ୍ୟ ହୋଇଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ। କଳାହାଣ୍ଡି ଜିଲା କେସିଙ୍ଗାରୁ ଏକ କାର (ନଂ.ଓଡି୦୫ଏଜେ- ୫୫୬୮)ରେ ଛତିଶଗଡ ରାୟପୁରକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉଥିଲେ। ତରବୋଡ ଖଡାନଠାରେ ଭାରସାମ୍ୟ ହରାଇ କାର ୩୫୩ ନମ୍ବର ଜାତୀୟ ରାଜପଥଠାରୁ ୩୦ ମିଟର ଦୂରରେ ଓଲଟି ପଡ଼ିଥିଲା ।

## ସଂକ୍ଷେପରେ

### ବରଗଡ଼ର ଯବାନ ଶହୀଦ



**ଭଟଲି,୨୦।୪(ଡି.ଏନ.ଏ):** ଜମ୍ମୁ କଶ୍ମୀରର ରଜୋରୀ ସେକ୍ଟରରେ ଆର୍ମି (ଏୟାର ଡିଫେନ୍ସ)ରେ ଜିଡ଼ି କମାଣ୍ଡାଣ୍ଟ ଭାବେ କାର୍ଯ୍ୟରତ ବରଗଡ଼ ଜିଲା ଭଟଲି ଥାନା ନୂଆଗଡ଼ ଗ୍ରାମର ଟୁପେଶ୍ୱର ଭୁଏ(୩୦) ସୋମବାର ଶହୀଦ ହୋଇଛନ୍ତି। ଏହି ଖବର ପହଞ୍ଚିବା ପରେ ଅଞ୍ଚଳବାସୀ ଶୋକାଭିଭୁତ ହୋଇ ପଡ଼ିଛନ୍ତି। ବୁଧବାର ସକାଳ ସୁଦ୍ଧା ତାଙ୍କ ମରଶରୀର ଏଠାକୁ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ମରଶରୀର ପହଞ୍ଚିବା ପୂର୍ବରୁ ମଙ୍ଗଳବାର ନୂଆଗଡ଼ ଗ୍ରାମରେ ଗ୍ରାମବାସୀ, ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଭଟଲି ବିଡ଼ିଓ ଧିରେନ୍ଦ୍ର ସେଠୀ, ତହସିଲଦାର ପ୍ରଶାନ୍ତ ମହାପାତ୍ର, ଥାନା ଅଧିକାରୀ ରଞ୍ଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ଏବଂ କୋଭିଡ୍ କଟକଣା ମଧ୍ୟରେ ଶହୀଦଙ୍କ ଶେଷକୃତ୍ୟ ସମ୍ପର୍କ ନେଇ ଆଲୋଚନା ହୋଇଥିଲା। ନୂଆଗଡ଼ ଗ୍ରାମର ଟଙ୍କଧର ଓ ମୁଖୀଙ୍କ ୩ପୁଅଙ୍କ ମଧ୍ୟରୁ ଟୁପେଶ୍ୱର ମଧ୍ୟମ ଥିଲେ। ସେ ଗତ ୨୦୦୯ ମସିହାରେ ସେନା ବାହିନୀରେ ଯୋଗ ଦେଇଥିଲେ ।

### କଳାହାଣ୍ଡି ପୋଲିସ ପକ୍ଷରୁ ଧରପଗଡ଼

**ଭବାନୀପାଟଣା,୨୦।୪ (ଡି.ଏନ.ଏ.):** କଳାହାଣ୍ଡି ଏସ୍‌ପି ଡା. ଶ୍ରବଣ ବିବେକ ଏମ୍ କୋଭିଡ୍ ଆକ୍ରାନ୍ତ ହୋଇଥିବା ପୋଲିସ ଯୋଦ୍ଧାମାନଙ୍କ ଘରକୁ ଯାଇ ସଚେତନ ରହିବା ସହିତ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ସେହିଭଳି ପୋଲିସ ପକ୍ଷରୁ ବିନା ମାସ୍କଧାରୀ ୫୪ ଜଣଙ୍କଠାରୁ ୩୧ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିଭଳି ସାମାଜିକ ଦୂରତ୍ୱ ଉଲ୍ଲଂଘନରେ ଜଣକଠାରୁ ୨୦୦୦ ଟଙ୍କା ଜରିମାନା, ୧୬ ଜଣ ଟ୍ରାଫିକ ଉଲ୍ଲଂଘନକାରୀଙ୍କଠାରୁ ୧୫ ହଜାର ୫୦୦ ଟଙ୍କା ଓ ଗୋଟିଏ ସ୍ଥାନରେ ଚଢ଼ାଉ କରାଯାଇ ୮ ଲିଟର ଦେଶୀମଦ ଜବତ କରିଥିଲେ।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ବୌଦ୍ଧ,୨୦।୪(ସ୍ୱ.ପ୍ର.):** ବୌଦ୍ଧ ବ୍ଲକ ବଘିଆପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମାପାଜ୍ ଗ୍ରାମ ନିକଟରେ ଗୋଟିଏ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ସମାପାଜ୍ ନିକଟ କୁଟିବାରୀ ଗ୍ରାମର କବିଚନ୍ଦ୍ର ଦେହୁରୀ(୩୦) ଘର ମରାମତି ପାଇଁ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଶିଆଳି ଲଟା ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲା। କବିଚନ୍ଦ୍ର କୌଶଳକ୍ରମେ ଭାଲୁ ପଞ୍ଝାରୁ ନିଜକୁ ମୁକୁଳାଇ ନେଇଥିଲେ ହେଁ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ବନବିଭାଗ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଆଜି ବଲାଙ୍ଗୀର ଆସିବେ ପୋଲିସ ମହାନିର୍ଦ୍ଦେଶକ

**ବଲାଙ୍ଗୀର ଅଫିସ, ୨୦।୪:** ଓଡିଶା ପୋଲିସ ମହାନିର୍ଦ୍ଦେଶକ ଅଭୟ ବୁଧବାର ବଲାଙ୍ଗୀର ଜିଲା ଗସ୍ତରେ ଆସିବେ । ପୂର୍ବାହ୍ନରେ ବଲାଙ୍ଗୀର ପହଞ୍ଚିଲା ପରେ ଜିଲାରେ ମାଓବାଦୀ ରଣନୀତି ଓ କରୋନା ସ୍ଥିତି ଯାଞ୍ଚ ନେଇ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ସୋମବାର ଉତ୍ତରାଞ୍ଚଳ ଆଇଜି ନରସିଂହ ଭୋଳ ବଲାଙ୍ଗୀର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରି ଫେରିଛନ୍ତି । ଡିଜିପି ଅଭୟଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ ।

### ଦିନକରେ ୩୨୨ ସଂକ୍ରମିତ

**ବଲାଙ୍ଗୀର ଅଫିସ, ୨୦।୪:** ବଲାଙ୍ଗୀର ଜିଲାରେ କରୋନା ଦ୍ୱିତୀୟ ଲହର ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ସୋମବାର ୩୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସଇଁତଲା ବ୍ଲକ୍ ଭଦ୍ରା ଗାଁରେ ୩୭, ଲୋଇସିଂହା ରେଙ୍ଗାଲିରେ ୩୦, ବଲାଙ୍ଗୀର ବୈଦିପାଲିରେ ୨୦ ଓ ପୁଇଁତଲା ବ୍ଲକ୍ ଛତାପିପଲରେ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ସହରରେ ୪୧ ଜଣ ଚିହ୍ନଟ ହୋଇଛନ୍ତି। ୧୧ ନମ୍ବର ୱାର୍ଡରେ ୧୪ ଜଣ ଓ ୨ ନମ୍ବର ୱାର୍ଡରେ ୧୨ ଜଣ ଚିହ୍ନଟ ହୋଇଥିବା ଜଣାପଡିଛି।





ନିମ୍ନମାନର ଖଳା(ବାମ) । ଅକାମୀ ହୋଇ ପଦାରେ ପଡି ରହିଛି ହୋମ ପାଇପ ।

# ଉନ୍ନତିମୂଳକ କାମରେ ଅନିୟମିତତା

**କେସିଙ୍ଗା, ୨୦।୪ (ଡି.ଏନ.ଏ.)**

**ବାଲସି ପଞ୍ଚାୟତ**
- ୨ ବର୍ଷ ହେଲା ହୋମ ପାଇପ ସ୍ଥାପନ ହେଲାନି
- କାମ ଶେଷ ନ କରି ଅର୍ଥ ଆତ୍ମସାତ୍

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତରେ ଉନ୍ନତିମୂଳକ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ବର୍ଷବର୍ଷ ବିତି ଯାଉଥିଲେ ସୁଦ୍ଧା ଏଠାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନାହିଁ। ଅନ୍ୟପକ୍ଷେ କାମ ଶେଷ କରା ନ ଯାଇ ଅର୍ଥ ଆତ୍ମସାତ ହେଉଥିବା ଅଭିଯୋଗ ହେବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସୂଚନାଯୋଗ୍ୟ ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ବାଲସି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବାଲସି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକଠାରୁ ବୋଡେନମୁଣ୍ଡା ରାସ୍ତାର ଉନ୍ନତି କରିବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୫ ଲକ୍ଷ ଅଟକଳ ହୋଇଥିଲା । ଏଥିରେ ୨ଟି ହୋମ ପାଇପ ସହିତ ୩୦୦ ମିଟର ମାଟି କାମ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ଦୁଇ ବର୍ଷ ବିତିଗଲା ୩୦୦ ମିଟର ରାସ୍ତା ନିର୍ମାଣ ଶେଷ କରା ନ ଯାଇ ୫ ଲକ୍ଷ ଟଙ୍କାର ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଶ୍ମଶାନ ଭୂମି ନିକଟରେ ଦୁଇଟି ହୋମ ପାଇପ ଦୁଇ ବର୍ଷ ହେଲା ପଡି ରହିଛି। ସେହିପରି କେସିଙ୍ଗା ବ୍ଲକ ପକ୍ଷରୁ ସିଡିପିଟିଏଫ ଯୋଜନାରେ ରେଙ୍ଗାଲି କଛାରପଦରଠାରେ ୭ ଲକ୍ଷ ୩୨ ହଜାର ବ୍ୟୟ ଅଟକଳରେ ଏକ ଖଳା ନିର୍ମାଣ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଅର୍ଥ ମଞ୍ଜୁର ହୋଇଥିଲା। କିନ୍ତୁ ଉକ୍ତ ଖଳା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡିଛି। ଖଳାର ଚତୁଃପାର୍ଶ୍ୱରେ ନିମ୍ନମାନର ଫାଉଣ୍ଡେଶନ ନିର୍ମାଣ କରାଯାଇଛି। ଖଳା ଉପରେ ଏକରୁ ଦୁଇ ଫୁଟ ଦୂରରେ ୮ ଏମଏମର ଲୁହା ରଡଦେଇ କଂକ୍ରିଟ କରାଯାଇ ସମ୍ପୂର୍ଣ୍ଣ ବିଲ ଭାଉଚର କରାଯାଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ ।

# 'ଭିତ୍ତିଭୂମି, ଗବେଷଣାକୁ ଗୁରୁତ୍ୱ ଦିଆଯିବ'

**ବଲାଙ୍ଗୀର ଅଫିସ, ୨୦।୪**

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଯୋଗଦେଲେ ନୂଆ କୁଳପତି**



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନବନିଯୁକ୍ତ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରୁଛନ୍ତି ।

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ଥାୟୀ କୁଳପତିଭାବେ ପ୍ରଫେସର ଉମାବଲ୍ଲଭ ମହାପାତ୍ର ମଙ୍ଗଳବାର ଯୋଗଦେଇଛନ୍ତି । କୁଳପତି ଦାୟିତ୍ୱରେ ଥିବା ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗରାଜୁଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ କଲେଜ କ୍ୟାମ୍ପସ ପରିଦର୍ଶନ କରିଥିଲେ । ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରି ଏଠାକାର ପରିବେଶକୁ ନେଇ ସେ ଖୁସି ପ୍ରକାଶ କରିଥିଲେ । ଏହି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ଗବେଷଣାକୁ ପ୍ରାଧାନ୍ୟ ଦେବେ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି । ସମସ୍ତଙ୍କ ସହଯୋଗରେ ଏହି ବିଶ୍ୱବିଦ୍ୟାଳୟକୁ ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିତୋଳିବା ତାଙ୍କର ଲକ୍ଷ୍ୟ ହେବ ବୋଲି ସେ କହିଛନ୍ତି। ପ୍ରଫେସର ମହାପାତ୍ରଙ୍କୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଭାବେ ଗତ ସୋମବାର ନିଯୁକ୍ତି ଦିଆଯାଇଥିଲା । ସେ ୨୦୨୦ ସେପ୍ଟେମ୍ବରରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଉଦ୍ଭିଦ ବିଜ୍ଞାନୀର ଜଣେ ଜଣାଶୁଣା ପ୍ରଫେସର ଏବଂ ବୈଜ୍ଞାନିକଭାବେ ତାଙ୍କର ସୁନାମ ରହିଛି। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଭାବେ ଯୋଗଦେବା ପରେ ରେଜିଷ୍ଟ୍ରାର ଦୁର୍ଗାପ୍ରସନ୍ନ ମହାପାତ୍ର, ଡେପୁଟି ରେଜିଷ୍ଟ୍ରାର ଡ ବିଶ୍ୱଜିତ ବେହେରା, ପରୀକ୍ଷା ନିୟନ୍ତ୍ରକ ଡ. ଅକ୍ଷୟ କୁମାର ମିଶ୍ର, ବିତ୍ତ ନିୟନ୍ତ୍ରକ ଡ. ଗୌତମ ପଧାନ, ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଡେପୁଟି ରେଜିଷ୍ଟ୍ରାର ତଥା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କନ୍‌ସଲଟାଣ୍ଟ ପ୍ରଫେସର ଉମାଚରଣ ପତି ତାଙ୍କୁ ସ୍ୱାଗତ କରିଛନ୍ତି । ନବନିଯୁକ୍ତ କୁଳପତି ପ୍ରଫେସର ମହାପାତ୍ର ୪ ବର୍ଷ ଧରି ଏଠାରେ କୁଳପତି ଦାୟିତ୍ୱରେ ରହିବେ।

# ବୌଦ୍ଧରେ ଚିନ୍ତା ବଢ଼ାଇଛି କରୋନା ସଂକ୍ରମଣ

**ପୁଣି ୨୩ ପଜିଟିଭ ଚିହ୍ନଟ**

**ବୌଦ୍ଧ,୨୦।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ବୌଦ୍ଧ ଜିଲାରୁ ପୁଣି ୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି । ଦ୍ରୁତ ସଂକ୍ରମଣକୁ ନେଇ ଚିନ୍ତା ବଢିଛି। ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ କୋଭିଡ ଚିକିତ୍ସାଳୟ ପ୍ରସ୍ତୁତ ରଖାଯାଇଛି। ଅପରପକ୍ଷରେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ବଜାରଠାରୁ ଆରମ୍ଭ କରି ପାନଦୋକାନ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଜନଗହଳି କମୁନି। ପ୍ରତିଦିନ ପୋଲିସ ପକ୍ଷରୁ ମାସ୍କ ଧରପଗଡ କରାଯାଇ ଫାଇନ ଆଦାୟ କରାଯାଉଥିଲେ ହେଁ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ଆଜିର ୨୩ ଜଣ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୨୯୧୮ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ୨୩ ଜଣ ସଂକ୍ରମିତଙ୍କ ମଧ୍ୟରେ ବୌଦ୍ଧ ସହରାଞ୍ଚଳରୁ ୧୩ ଜଣ , ହରଭଙ୍ଗା ବ୍ଲକ ଲୁଣିବାହାଲ, କରକଟା, ସରସରା ପଞ୍ଚାୟତରୁ ଜଣେ ଲେଖାଏ, କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତରୁ ୩ଜଣ, ନାରାୟଣପ୍ରସାଦ, ଗୁଡଭେଲିପଦର, ଆମ୍ବଗା, ବିଳାସପୁର ପଞ୍ଚାୟତରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଜିଲାରେ କରୋନା ସ୍ଥିତି ଗମ୍ଭୀର ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ସରକାରୀ କାର୍ଯ୍ୟାଳୟଗୁଡିକରେ ପ୍ରବେଶ ଉପରେ କଟକଣା କରାଯାଇଛି। ବିନା ଅନୁମତିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ସେହିପରି ଜିଲାରେ ଟିକାକରଣ କାର୍ଯ୍ୟକ୍ରମ ଜୋରଦାର କରାଯାଇଛି। କୋଭିଡ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।

# କୋଭିଡ୍ କଟକଣାରେ ଦନ୍ତେଶ୍ୱରୀଙ୍କ ଘଣ୍ଟଯାତ୍ରା

**ବେହେରା, ୨୦।୪ (ଡି.ଏନ.ଏ.)**



ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କ ଘଣ୍ଟଯାତ୍ରା ।

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କ ଘଣ୍ଟଯାତ୍ରା ମଙ୍ଗଳବାର କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଉଭୟ ବେହେରା ଓ ବାଙ୍କିମୁଣ୍ଡା ଗ୍ରାମରେ ଥିବା ଦେବୀ ଦନ୍ତେଶ୍ୱରୀ ମନ୍ଦିରରେ ନୀତି ରକ୍ଷା ପୂର୍ବକ ପୂଜନ ବିଧି କରାଯାଇ ଦେବୀଙ୍କ ଘଣ୍ଟ ବାହାର କରାଯାଇ ମାଳପୁରିୟାଣି ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ପ୍ରତି ବର୍ଷଚୈତ୍ର ଶୁକ୍ଳପକ୍ଷ ଶେଷ ମଙ୍ଗଳବାର ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତି ତିନିବର୍ଷକୁ ଥରେ ଦେଶ ପରିଭ୍ରମଣ କରିବା ନୀତି ରହିଥିବା ବେଳେ ବାକି ବର୍ଷ ପାଳି ଭ୍ରମଣ କରାଯାଇଥାଏ। ହଜାର ହଜାର ଭକ୍ତଙ୍କ ଗହଣରେ ମା'ଙ୍କ ଯାତ୍ରା ଅତି ଆନନ୍ଦ ଉଲ୍ଲାସ ସହ ପାଳନ ହେଉଥିବା ବେଳେ ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ବିନା ଭକ୍ତରେ ପାଳନ ହେଉଥିବାରୁ ଲୋକଙ୍କ ମନରେ ନିରାଶାର ଭାବ ଦେଖିବାକୁ ମିଳିଥିଲା।

# ଭୁବନେଶ୍ୱର ମହାଦେବ ମନ୍ଦିର ଜରାଜୀର୍ଣ୍ଣ

**ବାଉଁଶୁଣୀ,୨୦।୪(ଡି.ଏନ.ଏ.)**

**ରକ୍ଷଣାବେକ୍ଷଣ ଅଭାବରୁ ଡାହାଣ ପାର୍ଶ୍ୱକୁ ଢଳୁଛି**

ବୌଦ୍ଧ ଜିଲାର ବାଉଁଶୁଣୀଠାରେ ଥିବା ପ୍ରାଚୀନ ଭୁବନେଶ୍ୱର ମହାଦେବ ମନ୍ଦିର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହେବାରେ ଲାଗିଛି । ଏପରି କି ଏହି ମନ୍ଦିର ଡାହାଣ ପାର୍ଶ୍ୱକୁ ଢଳିବାରେ ଲାଗିଛି । ଜିଲା ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ନଜର ନ ପଡିବା ଜନ ଅସନ୍ତୋଷର କାରଣ ହୋଇଛି । ଜନଶ୍ରୁତି ଅନୁଯାୟୀ, ଦ୍ୱାଦଶ ଶତାବ୍ଦୀରେ ପୁରୀର ରାଜା ତୃତୀୟ ଅନଙ୍ଗ ଭୀମଦେବ କୌଣସି ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇବା ପାଇଁ ସ୍ୱପ୍ନାଦେଶ ଅନୁସାରେ ବୌଦ୍ଧ ଜିଲାର ମହାନଦୀ କୂଳେ କୂଳେ ଅନେକ ଶିବ ମନ୍ଦିର ନିର୍ମାଣ କରିଥିଲେ । ଏହି ଶିବ ମନ୍ଦିର ମଧ୍ୟରୁ ଭୁବନେଶ୍ୱର ମହାଦେବ ଅନ୍ୟତମ। ତେବେ ମହାନଦୀ କୂଳରେ ଥିବା ଏହି ମହାଦେବ ମନ୍ଦିରରେ ବର୍ଷା ଋତୁରେ ନଦୀର ସ୍ରୋତ ବାରମ୍ବାର ବାଡେଇ ହେବା କାରଣରୁ ଏହା କ୍ରମଶଃ ଦୁର୍ବଳ ହୋଇ ଡାହାଣକୁ ଢ଼ଳିବାରେ ଲାଗିଛି । ଏପରି କି ମନ୍ଦିର ଚୂଳ ମଧ୍ୟ ଭାଙ୍ଗିବାକୁ ବସିଲାଣି । ଗତ ୨ ମାସ ତଳେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଏହି ମନ୍ଦିର ପରିଦର୍ଶନ କରି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ପ୍ରତିବର୍ଷ ଶିବରାତ୍ରିରେ ଏହି ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନେ ଦୂର ଦୂରାନ୍ତରୁ ଆସି ପୂଜାର୍ଚ୍ଚନା କରିଥାନ୍ତି । ତେବେ ମନ୍ଦିରର ମରାମତି କରାଯାଉ ନ ଥିବାରୁ ଆଗାମୀ ଦିନରେ ଏହା ମହାନଦୀ ଗର୍ଭରେ ବିଲୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ଜିଲାପାଳଙ୍କ ଯଥାଶୀଘ୍ର ମନ୍ଦିର ରକ୍ଷଣାବେକ୍ଷଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ଭୁବନେଶ୍ୱର ମହାଦେବ ମନ୍ଦିର।

# ଔଷଧ ଦୋକାନ ସିଲ୍

**ଅତାବିରା/ସରଣ୍ଡା,୨୦।୪**

**ଯୁକ୍ତିତର୍କ ମହଙ୍ଗା ପଡ଼ିଲା**

ବରଗଡ଼ ଜିଲା ଅତାବିରାରେ ମଙ୍ଗଳବାର ମାସ୍କ ଯାଞ୍ଚ କରୁଥିବାବେଳେ ପୋଲିସ ସହିତ ଯୁକ୍ତିତର୍କ କରିବା ସ୍ଥାନୀୟ ଜଣେ ଔଷଧ ଦୋକାନୀଙ୍କୁ ମହଙ୍ଗା ପଡ଼ିଛି । କୋଭିଡ୍ ଗାଇଡ୍ ଉଲ୍ଲଂଘନ ଅଭିଯୋଗରେ ସମ୍ପୃକ୍ତ ଔଷଧ ଦୋକାନକୁ ସିଲ୍ କରି ଦିଆଯାଇଛି। ପ୍ରକାଶ ଯେ, ଅତାବିରା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମାସ୍କ ଯାଞ୍ଚ କରୁଥିବାବେଳେ ସମ୍ପୃକ୍ତ ଔଷଧ ଦୋକାନକୁ ପହଞ୍ଚିଥିଲେ। ଦୋକାନୀଙ୍କୁ କାହିଁକି ମାସ୍କ ପିନ୍ଧି ନାହଁ ବୋଲି ପଚାରିବାରୁ ସମ୍ପୃକ୍ତ ଦୋକାନୀ ପୋଲିସ ଟିମ୍ ସହିତ ଯୁକ୍ତିତର୍କ କରିଥିଲେ। ଏହାପରେ ବରଗଡ଼ ଉପଜିଲାପାଳ ଶୁଭ୍ରାଂଶୁ ସାମଲ, ଥାନା ଏସ୍‌ଆଇ ଯାଦବ ବାଗ, ପି. ହେମ୍ବ୍ରମ, ତ୍ରିଲୋଚନ ଦାଶ ପ୍ରମୁଖ ସେଠାକୁ ପହଞ୍ଚିଥିଲେ ଏବଂ ସେମାନଙ୍କ ଉପସ୍ଥିତିରେ ଉକ୍ତ ଔଷଧ ଦୋକାନକୁ ସିଲ୍ କରିଦିଆଯାଇଥିଲା ।



ଅତାବିରାରେ ଏକ ଔଷଧ ଦୋକାନକୁ ସିଲ୍ କରାଯାଉଛି ।

# କ୍ଷତିପୂରଣ ଦାବିରେ ଧାରଣା

**ବରଗଡ଼ ଅଫିସ୍,୨୦।୪(ଡି.ଏନ.ଏ)**

ସମ୍ବଲପୁର-ଟିଟିଲାଗଡ଼ ରେଳପଥ ଦୋହରୀକରଣରେ ଜମି ହରାଇଥିବା ବରଗଡ଼ ବ୍ଲକ ଜମୁର୍ଡ଼ା ଗ୍ରାମର କ୍ଷତିଗ୍ରସ୍ତଙ୍କୁ ଠିକ୍ ଭାବେ କ୍ଷତିପୂରଣ ଦିଆଯାଇନାହିଁ। ଏଭଳି ଅଭିଯୋଗ ନେଇ କ୍ଷତିଗ୍ରସ୍ତମାନେ ମଙ୍ଗଳବାର ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଏହାସହିତ କ୍ଷତିପୂରଣ ଦାବିରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜମୁର୍ଡ଼ା ଗ୍ରାମରେ ଅନେକ ଲୋକଙ୍କ ଜମି ରେଳପଥ ଦୋହରୀକରଣରେ ଯାଇଛି । ମାତ୍ର କିଛି ଲୋକଙ୍କୁ ଡେସିମିଲ ପ୍ରତି ୧ଲକ୍ଷ ଟଙ୍କା ହାରରେ କ୍ଷତିପୂରଣ ଦିଆଯାଇ ଥିବାବେଳେ ସେହି ସମାନ କିସମର ଜମିରେ ଅନ୍ୟ କିଛି ଲୋକଙ୍କୁ ୨୬ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବାରୁ ସେମାନେ ଧାରଣାରେ ବସିଥିବା କହିଥିଲେ । ପରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀଙ୍କ ଉପସ୍ଥିତିରେ କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କୁ ଭେଟିବା ସହିତ ସେ ନେଇ ଆଲୋଚନା କରିଥିଲେ ଏବଂ ଧାରଣାରୁ ଉଠିଥିଲେ ।



କ୍ଷତିପୂରଣ ଦାବିରେ ଜିଲାପାଳ ଅଫିସ ଆଗରେ ଧାରଣା ।

# କରୋନା କଟକଣାକୁ ଫୁଁ

**ଜହ୍ନାପଙ୍କ, ୨୦।୪ (ଡି.ଏନ.ଏ.)**

ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ଦ୍ରୁତ ଗତିରେ ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ରାତି କର୍ଫ୍ୟୁ ସହିତ ବିବାହ, ମୃତାହ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଗାଇଡ ଲାଇନ ଜାରି ରହିଛି । ସାପ୍ତାହିକ ବଜାର, ଦୋକାନ ପାଇଁ ସାମାଜିକ ଦୂରତା ଓ ମାସ୍କ ବାଧ୍ୟତାମୂଳକ କରାଯାଇଛି । ହେଲେ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ନାରାୟଣନଗରରେ ବସୁଥିବା ମଙ୍ଗଳବାର ସାପ୍ତାହିକ ହାଟରେ କାଁ ଭାଁ ଦୋକାନୀ ଓ ଗ୍ରାହକ ମାସ୍କ ପିନ୍ଧିଥିବା ବେଳେ ସାମାଜିକ ଦୂରତାକୁ କେହି ମାନୁ ନ ଥିବା ଦେଖିବାକୁ ମିଳିଥିଲା। ଗତବର୍ଷ ସର୍ବାଧିକ କରୋନା ଆକ୍ରାନ୍ତ ଗାଁ ଭାବେ ବୌଦ୍ଧ ଜିଲାର ନାରାୟଣନଗର ରେକର୍ଡ ସୃଷ୍ଟି କରିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ପ୍ରଶାସନ ଏହି ଗାଁରେ ୧୪୪ ଧାରା ଜାରି କରିଥିଲା। ତେଣୁ ଏବେଠୁ ପ୍ରଶାସନ ସଜାଗ ହେବାକୁ ଦାବି ହେଉଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMIBBS2021018 ତା.13.04.2021ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂଆ ବ୍ରୋଡ୍ ଗେଜ୍ (B.G.) ରେଳ ଲିଙ୍କ୍ ପ୍ରକଳ୍ପର କି.ମି.237.200 ଠାରୁ 238.400 ମଧ୍ୟରେ SH-41 ରେ ରୋଡ୍ ଅଣ୍ଡର ବ୍ରିଜ୍ ନଂ.675 (1x30.5m OWG) ରେ ବିୟରିଙ୍ଗ୍ ଏବଂ H-ବିମ୍ ସ୍ଲିପରଗୁଡ଼ିକ ସହିତ ଓପନ ୱେବ୍ ଗର୍ଡ଼ର ର ଗଠନ, ଯୋଗାଣ ଏବଂ ଉତ୍ଥାପନ ଏବଂ ତେଲ ନଦୀରେ ବ୍ରିଜ୍ ନଂ.677 (17x45.7m OWG) ରେ ବିୟରିଙ୍ଗ୍ ଏବଂ H-ବିମ୍ ଷ୍ଟିଲ୍ ସ୍ଲିପରଗୁଡ଼ିକର ଉତ୍ପାଦନ, ଯୋଗାଣ ଏବଂ ଲଗାଇବା କାର୍ଯ୍ୟ ତଥା ମୁଗଲସରାଇ (ଉତ୍ତର ପ୍ରଦେଶ) ଠାରୁ ସୋନପୁର (ଓଡ଼ିଶା) ପର୍ଯ୍ୟନ୍ତ ଷ୍ଟିଲ୍ ବ୍ରିଜ୍ ଗର୍ଡ଼ର କମ୍ପୋନେଣ୍ଟଗୁଡ଼ିକର ପରିବହନ ଏବଂ ଗର୍ଡ଼ର କମ୍ପୋନେଣ୍ଟଗୁଡ଼ିକର ଆରମ୍ଭ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2004.73ଲକ୍ଷ,
କାର୍ଯ୍ୟ ଶେଷ ହେବା ଅବଧି: 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.17.05.2021ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C / G ଏବଂ G1 ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
ଭୁବନେଶ୍ୱର
PR-06/CE/21-22

**LEPRA SOCIETY**
**QUOTATION CALL NOTICE**

Sealed quotations are invited from interested parties for making of two numbers modular OT & ONE Minor OT as per NABH Guideline at 1st floor of MNC-LEPRA Society building.

Interested parties may visit hospital campus regarding work details between 11 AM to 5 PM on any working day. Submit of Quotations on or before 25/04/2021 to **"The Medical Superintendent, Mahanadi Netra Chikitsalaya, Lepra Society, Pandapalli, Birmaharjpur, Odisha, Pin-767018, Tel. 9437198482.**